ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.243 Bhubaneswar Wednesday November 16 2022 | ୨୫ତମ ବର୍ଷ ସଂଖ୍ୟା-୨୪୩ ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୬, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ବିଜେଡିରେ କମ୍ପନ: ଲୁଟେରା-ଷଡଯନ୍ତ୍ରକାରୀଙ୍କୁ ଜବାବ ଦେବାକୁ ସଞ୍ଜୟଙ୍କ ଆହ୍ୱାନ



ଭୁବନେଶ୍ୱର,୧୫।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବା ବେଳେ ବିଜେଡିର ପ୍ରଭାବଶାଳୀ ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କ ବୟାନକୁ ନେଇ ଏବେ ଦଳରେ କମ୍ପନ ସୃଷ୍ଟି ହୋଇଛି। କିଛି ବିଦେଶୀ ଶକ୍ତି ଓଡିଶାର ଖଣିଜସମ୍ପଦ, ପ୍ରାଚୁର୍ଯ୍ୟ ଓ ରତ୍ନଭଣ୍ଡାରକୁ ଲୁଣ୍ଠନ କରି ପଳାଇବାକୁ ବସିଛନ୍ତି। ଆଉ ଆମ ଓଡିଆ ଜାତିର କିଛି ବିଶ୍ୱାସଘାତକ ସେମାନଙ୍କୁ ସହଯୋଗ କରୁଛନ୍ତି । ତାଙ୍କ ବିରୁଦ୍ଧରେ ଭୁବନେଶ୍ୱରୁ ଷଡଯନ୍ତ୍ର ଆରମ୍ଭ ହୋଇ ପୁରୀ ଦେଇ ଏବେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ପ୍ରବେଶ କଲାଣି । ତେଣୁ ଏଭଳି ଷଡଯନ୍ତ୍ରକାରୀ ଓ ଲୁଟେରାଙ୍କୁ ଜବାବ ଦେବାକୁ ପଡିବ ବୋଲି ସଞ୍ଜୟ ଆହ୍ୱାନ କରିଛନ୍ତି । ଆଉ ସଞ୍ଜୟଙ୍କ ଭଳି ମାପିଚୁପି କଥା କହୁଥିବା ବିଜେଡିର ହେଭିୱେଟଙ୍କ ଏଭଳି ବୟାନ ଏବେ ଉଭୟ ଦଳ ଓ ସରକାରରେ କମ୍ପନ ସୃଷ୍ଟି କରିଛି । ସୂଚନା ଅନୁସାରେ, ଦୀର୍ଘଦିନ ଧରି କୋଣଠେସା ହୋଇ ରହିଥିବା ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଦଳର ପଦଯାତ୍ରାରେ ତାଙ୍କ ବିରୁଦ୍ଧରେ ଚାଲିଥିବା ଷଡଯନ୍ତ୍ର ସମ୍ପର୍କରେ ବ୍ରହ୍ମଗିରିବାସୀଙ୍କୁ ଅବଗତ କରିବା ସହ ଏଭଳି ଶକ୍ତିର ମୁକାବିଲା ପାଇଁ ସହଯୋଗ ଲୋଡିଛନ୍ତି। ଶ୍ରୀ ଦାସବର୍ମା ନିଜ ନିର୍ବାଚନମଣ୍ଡଳୀରେ ନଭେମ୍ବର ୪ରେ ବ୍ରହ୍ମଗିରି , ନଭେମ୍ବର ୧୧ରେ କୃଷ୍ଣପ୍ରସାଦ ଓ ନଭେମ୍ବର ୧୩ତାରିଖରେ ପୁରୀ ସଦର ବ୍ଲକରେ ଦଳର ପଦଯାତ୍ରା ଓ ବିଶାଳ ଜନସଭା କରି ନିଜର ନିରବତା ଭଙ୍ଗ କରିଛନ୍ତି । ସେ ଏହି ସମସ୍ତ ସଭାରେ ଦଳର ସୁପ୍ରିମୋ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ପ୍ରତି ରହିଥିବା ଆଶୀର୍ବାଦ ଓ ବିକାଶମୂଳକ କାର୍ଯ୍ୟକୁ ପ୍ରଂଶସା କରିବା ସହ ବିଜେଡିକୁ ସୁଦୃ ? କରିବା ନିମନ୍ତେ ସଂକଳ୍ପ ନେବାକୁ ଆହ୍ୱାନ କରିଥିବାବେଳେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି ।ନଭେମ୍ବର ୪ରେ ବ୍ରହ୍ମଗିରିରେ ପଦଯାତ୍ରା ଓ ଜନସଭା ଆଳରେ ଶକ୍ତି ପ୍ରଦର୍ଶନ କରି ସଞ୍ଜୟ ସର୍ବପ୍ରଥମେ ତାଙ୍କ ବିରୁଦ୍ଧରେ ଭୁବନେଶ୍ୱରରେ ହୋଇଥିବା ଷଡଯନ୍ତ୍ର ପୁରୀ ବାଟ ଦେଇ ବ୍ରହ୍ମଗିରିରେ ପହଂଚିଲାଣି ବୋଲି ଜନସଭାକୁ ସମ୍ବୋଧିତ କରିବାବେଳେ ସଙ୍କ ?ତ ଦେଇଥିଲେ । ଏହାସହିତ ସେ କେଉଁ 'ମୁଣ୍ଡି'ଙ୍କୁ ଜାଣନ୍ତି ନାହିଁ । ତାଙ୍କ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବ୍ରହ୍ମଗିରିବାସୀଙ୍କ ଆଶୀର୍ବାଦ ହିଁ ଯଥେଷ୍ଟ ବୋଲି କହି ନିଜର ଅସନ୍ତୋଷର ଆଭାସ ଦେଇଥିଲେ ।ନଭେମ୍ବର ୧୧ରେ କୃଷ୍ଣପ୍ରସାଦରେ ବିଶାଳ ସମାବେଶକୁ ସମ୍ବୋଧିତ କରି ସଞ୍ଜୟ ସେହି ଷଡଯନ୍ତ୍ର କଥା ଦୋହରାଇ ଥିବାବେଳେ ବିଜେପିର ବର୍ତ୍ତମାନର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର(ଦାଦା-ଝିଆରୀ କଥା କହି)ଙ୍କୁ ଟାର୍ଗେଟ କରିଥିଲେ । ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ମା'ମାନେ ତାଙ୍କୁ ପଣତ କାନିରେ ଘୋଡାଇ ରଖିବାକୁ ସେ ନିବେଦନ କରିବା ସହ ବ୍ରହ୍ମଗିରିର ବିକାଶରେ ବାଧକ ସାଜୁଥିବା ଓ ତାଙ୍କୁ ଦୁର୍ବଳ କରିବାକୁ ଚାହୁଁଥିବା ଲୋକମାନଙ୍କୁ କଡା ଜବାବ ଦିଆଯିବ ବୋଲି ସତର୍କ କରାଇଥିଲେ ।ସେହିପରି ନଭେମ୍ବର ୧୩ରେ ପୁରୀ ସଦର ବ୍ଲକରେ ପଦଯାତ୍ରା ପରେ ମାଳ ମେଳଣ ପଡିଆରେ ଆୟୋଜିତ ଜନସଭାରେ ସଞ୍ଜୟ ନିଜ ଭିତରେ ଥିବା ସମସ୍ତ କ୍ଷୋଭକୁ ପ୍ରକାଶ କରି ସିଧାସଳଖ ସରକାର ଓ ଦଳର ପରିଚାଳନା ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । କିଛି ବିଦେଶୀ ଶକ୍ତି ଓଡିଶାର ଖଣିଜସମ୍ପଦ, ପ୍ରାଚୁର୍ଯ୍ୟ ଓ ରତ୍ନଭଣ୍ଡାରକୁ ଲୁଣ୍ଠନ କରି ପଳାଇବାକୁ ବସିଛନ୍ତି । ବ୍ରିଟିଶ ଶାସନବେଳେ ଯେଭଳି କିଛି ଗୃହ ଶତ୍ରୁଙ୍କ ବିଶ୍ୱାସଘାତକତା ଯୋଗୁ ଶେଷ ସ୍ୱାଧୀନ ଦୁର୍ଗକୁ ସେମାନେ ଦଖଲ କରିଥିଲେ, ଏବେ ଠିକ୍ ସେହିଭଳି କିଛି ଶକ୍ତି ସକ୍ରିୟ ହୋଇ ବିଦେଶୀ ଶକ୍ତିକୁ ସହଯୋଗ କରୁଛନ୍ତି । ସେମାନଙ୍କ ଷଡଯନ୍ତ୍ରକୁ ପରାହତ କରିବାକୁ ପଡିବ । ସେ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର ଚାଲିଥିବା କଥାକୁ ଦୋହରାଇ କହିଥିଲେ ଯେ, ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷଡଯନ୍ତ୍ର ପୁରୀ ଓ ଏବେ ବାସୁଆଦେଇପୁର ଦେଇ ସଦରର ୧୧ଟି ପଂଚାୟତ ଭିତରକୁ ପଶିବାକୁ ଯାଉଛି । ଏହାକୁ ପରାହତ କରିବାକୁ ହେବ ଓ ସେମାନଙ୍କୁ ଜବାବ ଦେବାକୁ ପଡିବ ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ତାଙ୍କ ପ୍ରତି ଥିବା ଆଶୀର୍ବାଦର ଉଦାହରଣ ଦେଇ ସଞ୍ଜୟ କହିଥିଲେ ଯେ, ପ୍ରଥମଥର ବିଧାୟକ ହେବାବେଳେ ତାଙ୍କୁ ଉପମୁଖ୍ୟ ସରକାରୀ ସଚେତକ, ଦ୍ୱିତୀୟଥର ବିଧାୟକବେଳେ ମନ୍ତ୍ରୀ ଓ ଏଥର ହାରିବା ପରେ ବି ତାଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ । କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି । କିଛି ଲୋକ ମନଇଚ୍ଛା ନିଷ୍ପତ୍ତି ନେଉଛନ୍ତି ଓ ତାକୁ ମାନିବାକୁ ସମସ୍ତଙ୍କୁ ବାଧ କରୁଛନ୍ତି । କିନ୍ତୁ ଆମେ ମରିଯିବୁ ପଛେ ସେମାନଙ୍କ ସହ ସାଲିସ୍ କରି ବ୍ରହ୍ମଗିରିର ସ୍ୱାଭିମାନକୁ ଭସାଇ ଦେବୁନାହିଁ ବୋଲି ସଞ୍ଜୟ ରୋକଠୋକ୍ କହିଛନ୍ତି ।ସଞ୍ଜୟଙ୍କ ଏଭଳି ବୟାନକୁ ନେଇ ବିଜେଡିରେ କମ୍ପନ ସୃଷ୍ଟି ହୋଇଛି ତଥା ଏନେଇ ଦଳର କେହି ନେତା ମୁହଁ ଖୋଲିବାକୁ ଅନିଚ୍ଛା ପ୍ରକାଶ କରିଥିବାବେଳେ ବିଜେପି ଓ କଂଗ୍ରେସ ତେରଚ୍ଛା ବାଣ ମାରି ରାଜ୍ୟରେ ଏଭଳି ବିଦେଶୀ ଶକ୍ତି(ରାଜ୍ୟ ବାହାରର ଶକ୍ତି)ଙ୍କ ସକ୍ରିୟତା କଥାକୁ ଦୋହରାଇଛନ୍ତି ।ସୂଚନାଯୋଗ୍ୟ, ୨୦୧୨ ମଇ ୨୯ ମିଡନାଇଟ୍ ଅପରେସନବେଳେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତରେ ଥିବାବେଳେ ନବୀନଙ୍କ ଆସନକୁ ସୁରକ୍ଷିତ ରଖିବାରେ ସଞ୍ଜୟଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବରିଷ୍ଠ ନେତାମାନଙ୍କୁ ଏକଜୁଟ କରି ଦଳ ଓ ସରକାରକୁ ବଂଚାଇବାରେ ତାଙ୍କର ସକ୍ରିୟ ଯୋଗଦାନ ଯୋଗୁ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ । କିନ୍ତୁ ଗତ କିଛିମାସ ଧରି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ଦିଆଯାଉନଥିବା, ସରକାରୀ ପଦପଦବୀରୁ ବଂଚିତ କରାଯିବା ଓ ସାଂଗଠନିକ କାର୍ଯ୍ୟରେ ଅଣଦେଖା କରାଯାଉଥିବାରୁ ସେ କ୍ଷୁବ୍ଧ ଥିବା ଚର୍ଚ୍ଚା ହେଉଛି ।

## ବାଲିଯାତ୍ରା ଆଉ ଗୋଟିଏ ଦିନ ବଢିଲା

ଭୁବନେଶ୍ୱର,୧୫।୧୧(ପି.ଏନ): ଗୋଟିଏ ଦିନ ବଢିଛି କଟକର ପ୍ରସିଦ୍ଧ ଐତିହାସିକ ବାଲିଯାତ୍ରାର ଅବଧି। ବୁଧବାର ଦିନ ବାଲିଯାତ୍ରା ଶେଷ ହେବାର ଥିଲା ବେଳେ ଏହା ଗୁରୁବାର ଶେଷ ହେବ। ମଙ୍ଗଳବାର ଦିନ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ସାଧାରଣ ଲୋକ ଓ ବ୍ୟବସାୟୀଙ୍କ ଦାବିକୁ ଦୃଷ୍ଟିରେ ରଖି ବାଲିଯାତ୍ରାକୁ ଆଉ ଦୁଇ ଦିନ ବଢ଼ାଇବା ପାଇଁ କଟକ ମେୟରଙ୍କ ତରଫରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଆଉ ଗୋଟିଏ ଦିନ ବଢ଼ାଇବାକୁ ସମ୍ମତି ପ୍ରକାଶ କରିଥିଲେ। ବାଲିଯାତ୍ରା ଦେଖିବାକୁ ପ୍ରତିଦିନ କଟକରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଛି।

## କେନ୍ଦ୍ର ସରକାରଙ୍କ ପାଖରେ ଅଟକି ରହିଥିଲା ଫସଲ ବୀମା : ସସ୍ମିତ ପାତ୍ର

ଭୁବନେଶ୍ୱର,୧୫।୧୧(ପି.ଏନ): ବରଗଡ଼ ଜିଲ୍ଲା ବିଶେଷ କରି ପଦ୍ମପୁର ନିର୍ବାଚନ ମଣ୍ଡଳୀର ଚାଷୀଙ୍କୁ ବକେୟା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ ନେଇ କେନ୍ଦ୍ର କୃଷି ମନ୍ତ୍ରୀ ନୋରେନ୍ଦ୍ର ସିଂ ତୋମାର ଆଜି ଯେଉଁ ଟୁଇଟ୍ କରିଛନ୍ତି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ, ଏଯାଏ ଏହା କେନ୍ଦ୍ର ସରକାର ହିଁ ଦେଇ ନ ଥିଲେ। ତେଣୁ ଏବେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷି ମନ୍ତ୍ରୀ ବୀମା କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି। କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଟୁଇଟ୍ର ଜବାବ ଦେଇ ଟୁଇଟରରେ ଏଭଳି ମନ୍ତବ୍ୟ ଦେଇଛନ୍ତି, ବିଜୁ ଜନତା ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ.ସସ୍ମିତ ପାତ୍ର। ଡ.ପାତ୍ର କହିଛନ୍ତି ଯେ ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ନଭେମ୍ବର ୭ ତାରିଖ ଦିନ ବୈଷୟିକ ପରାମର୍ଶଦାତା କମିଟି ଏ ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାର ଦୁଇ ଦିନ ପରେ ନଭେମ୍ବର ୯ ତାରିଖ ଦିନ ଓଡ଼ିଶାର ସମବାୟ ମନ୍ତ୍ରୀ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ରାଜ୍ୟର ବଂଚିତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ।

## ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଅପେକ୍ଷାରେ ୧୬ଲକ୍ଷ ଗାଡି




ଭୁବନେଶ୍ୱର,୧୫।୧୧(ପି.ଏନ): ପୁରୁଣା ଗାଡିଗୁଡିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ଅବଧିକୁ ୨୦୨୩ ଫେବୃୟାରୀ ୨୮ତାରିଖ ପର୍ଯ୍ୟନ୍ତ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ବୃଦ୍ଧି କରିଛନ୍ତି । ତେବେ ଯେଉଁ ସବୁ ଗାଡିର ଶେଷ ନମ୍ବର ୧,୨,୩ ଓ ୪ ରହିଛି ସେଥିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର(ଏଚ୍ଏସଆରପି) ଚଳିତ ନଭେମ୍ବର ମାସ ୩୦ତାରିଖ ପୂର୍ବରୁ ଲଗାଇବାକୁ ଗାଡି ମାଲିକମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହିତ ସ୍ଲଟ ବୁକିଂ ରାଜ୍ୟର ପ୍ରାୟ ୧୬ଲକ୍ଷରୁ ଅଧିକ ଗାଡି ଏବେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ଅପେକ୍ଷାରେ ରହିଛନ୍ତି ।ଆଜି ରାଜ୍ୟ ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର ଏକ ପ୍ରେସ୍ ରିଲିଜ୍ ଜାରି କରି କହିଛନ୍ତି ଯେ, ନଭେମ୍ବର ୧୪ତାରିଖ ସୁଦ୍ଧା ରାଜ୍ୟର ମୋଟ ୩୧ଲକ୍ଷ ୨୫ହଜାର ୨୩୬ଟି ଗାଡିର ମାଲିକ ନିଜର ସ୍ଲଟ ବୁକିଂ କରିଛନ୍ତି । ସେଥିରୁ ୧୫ଲକ୍ଷ ୩୦ହଜାର ୫୭୬ଟି ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ସାରିଛି । ଗାଡି ମାଲିକଙ୍କ ସୁବିଧା ପାଇଁ ବିଭାଗ ପକ୍ଷରୁ ୩ଥର ଏହି ଅବଧିକୁ ବୃଦ୍ଧି କରାଯାଇଛି । ଯେଉଁ ଗାଡି ମାଲିକମାନଙ୍କ ପାଖରେ ଇଂଟରନେଟର ସୁବିଧା ନାହିଁ ଅବା ଇଂଟରନେଟ୍ ଚଳାଇ ଜାଣିନାହାନ୍ତି ସେମାନେ ନିକଟସ୍ଥ ମୋ ସେବା କେନ୍ଦ୍ର ନଚେତ୍ ଆରଟିଓରେ ଥିବା ଏଚ୍ଏସଆରପି ସୁବିଧା କେନ୍ଦ୍ରକୁ ଯାଇ ଏହି ସ୍ଲଟ ବୁକିଂ କରିପାରିବେ ।ଗାଡି ମାଲିକଙ୍କ ସୁବିଧା ନିମନ୍ତେ ପରିବହନ କର୍ତ୍ତୃପକ୍ଷ ସଂଶୋଧିତ ଅବଧି ଧାର୍ଯ୍ୟ କରିଛନ୍ତି । ଯେଉଁ ଗାଡିଗୁଡିକର ଶେଷ ନମ୍ବର ୧,୨,୩,୪ ରହିଛି ସେସବୁରେ ହାଇସିକ୍ୟୁରିଟି ନମ୍ବର ୩୦ତାରିଖ ସୁଦ୍ଧା ଲାଗିଯିବା ଜରୁରୀ । ସେହିପରି ଶେଷ ନମ୍ବର ୫ ଓ ୬ ଥିବା ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଡିସେମ୍ବର ୩୧ସୁଦ୍ଧା, ଶେଷ ନମ୍ବର ୭ ଓ ୮ ଥିବା ଗାଡିରେ ହାଇସିକୁରିଟି ନମ୍ବର ପ୍ଲେଟ୍ ୨୦୨୩ ଜାନୁୟାରୀ ୩୧ ସୁଦ୍ଧା ଏବଂ ଶେଷ ନମ୍ବର ୯ ଓ ୦ ଥିବା ଗାଡିରେ ଏହି ହାଇସିକ୍ୟୁରିଟି ନମ୍ବର ୨୦୨୩ ଫେବୃୟାରୀ ୨୮ତାରିଖ ସୁଦ୍ଧା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୯ ଏପ୍ରିଲ ୧ ପୂର୍ବରୁ ପଞ୍ଜିକୃତ ହୋଇଥିବା ସମସ୍ତ ଗାଡିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ବାଧ୍ୟତାମୂଳକ ହୋଇଛି ।


## ଖସୁଛି ପାରଦ, ୬ ଜିଲ୍ଲାକୁ କୁହୁଡି ଆଲର୍ଟ

ଭୁବନେଶ୍ୱର,୧୫।୧୧(ପି.ଏନ): ଖସୁଛି ପାରଦ, ବଢୁଛି ଶୀତ। ଆଗାମୀ ୪-୫ ଦିନ ଯାଏଁ ରାତ୍ରୀ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୩-୪ ଡିଗ୍ରୀ କମ ରହିବାର ସମ୍ଭାବନା ରହିଛି। ରାଜ୍ୟର ଅନେକ ସ୍ଥାନରେ ପାରଦ ୧୫ ଡିଗ୍ରୀ ତଳେ ରହିବ। ଆସନ୍ତା ୨ ଦିନ ୬ ଜିଲ୍ଲାରେ ପ୍ରବଳ କୁହୁଡି ଦେଖାଦେବ। ଏହି ଜିଲ୍ଲାଗୁଡିକ ହେଲା କଳାହାଣ୍ଡି, କନ୍ଧମାଳ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି। ଏହି ସ୍ଥାନମାନଙ୍କରେ ଅଳ୍ପରୁ ମଧ୍ୟମ ଧରଣର କୁହୁଡି ଦେଖାଦେବ। ଏନେଇ ଆଜି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।ଜି.ଉଦୟଗିର ଏବଂ ଶିମିଳିଗୁଡାରେ ୧୦ ଡ଼ିଗ୍ରୀ ତଳେ ପାରଦ ରେକର୍ଡ ହୋଇଛି। ୨୦ ସ୍ଥାନର ପାରଦ ୧୫ ଡ଼ିଗ୍ରୀ ତଳେ ରହିଛି। ଜି.ଉଦୟଗିରିରେ ସର୍ବନିମ୍ନ ରାତ୍ରି ତାପମାତ୍ରା ୭.୨ଡ଼ିଗ୍ରୀ ରେକର୍ଡ ହୋଇଛି। ଯେତେବେଳେ କି ଭୁବନେଶ୍ୱରର ରାତିର ତାପମାତ୍ର ୧୬ ଡିଗ୍ରୀ ରେକର୍ଡ ହୋଇଛି। ଆଗାମୀ ୫ ଦିନ ରାତ୍ରି ତାପମାତ୍ରାରେ ସ୍ୱାଭାବିକ ଠାରୁ ୨.୪ ଡିଗ୍ରୀ କମ୍ ରହିବ ଓ ପାଗ ଶୁଖିଲା ଅନୁଭୂତ ହେବ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ।ସେପଟେ ଆସନ୍ତାକାଲି ଅର୍ଥାତ୍ ୧୬ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଏହାର ପ୍ରଭାବ ଓଡିଶା ଉପରେ ପଡିବା ନେଇ କୌଣସି ପୂର୍ବାନୁମାନ କରାଯାଉନି।

## ୧୨ କୋଟିରେ ନେଇଗଲେ ୪୦ କୋଟିର ଜମି




ଭୁବନେଶ୍ୱର,୧୫।୧୧(ପି.ଏନ): ଷ୍ଟାର-ହୋଟେଲ ପାଇଁ ଜମି ନିଲାମ, ଅତିଶସ୍ତାରେ ମିଳୁଛି ଜମି ! ଇ- ନିଲାମ ପରେ ବି ବେଞ୍ଚ ମାର୍କ ମୂଲ୍ୟଠୁ କମ ରହୁଛି ରେଟ ! ପର୍ଯ୍ୟଟନ, ଶିଳ୍ପାୟନ ପାଇଁ ଏଭଳି ସୁଯୋଗ ନା ଆଉ କିଛି ? ଡେଲଟା ଛକରେ ୪୦କୋଟିର ଜମି ବି ଲିଜରେ ମିଳୁଛି ୧୨ କୋଟିରେ ! ଭୁବନେଶ୍ୱରରେ ଷ୍ଟାର ହୋଟେଲ ପାଇଁ ଏମିତି ୬ଟି ଜମି ଦେଇଛି ବିଡିଏ। ଭୁବନେଶ୍ୱର ଡେଲଟା ଛକରେ ତିଆରି ଚାଲିଛି ୫-ତାରକା ହୋଟେଲ। ଏହି ଜମି ନିର୍ମାଣ ହେଉଛି ୧.୭୩ ଏକର ଜମିରେ। ଯାହାର ବର୍ତ୍ତମାନ ବଜାର ମୂଲ୍ୟ ପ୍ରାୟ ୫୦ କୋଟି ଟଙ୍କା ହେବ। ତେବେ ବିଡିଏ ଏହି ଜମିକୁ ପ୍ରାୟ ୪ ବର୍ଷ ତଳେ ରିଏଲ ଇଷ୍ଟେଟ ସଂସ୍ଥା- ଡିଏନ ହୋମ୍ସକୁ ଦେଇଛି ମାତ୍ର ୧୨.୫୩ କୋଟି ଟଙ୍କାରେ। ଏଥିପାଇଁ ଇ-ନିଲାମ ବା ଇ-ଅକ୍ସନ ବି ହୋଇଛି। ୨୦୧୮ରେ ନିଲାମ ପରେ ୨୦୨୦ରେ ଲିଜ୍ ଚୁକ୍ତି ହୋଇଛି। ୯୦ ବର୍ଷ ପାଇଁ ଲିଜ୍ ଦିଆଯାଇଛି। ମଜା କଥା ହେଉଛି, ସେତେବେଳେ ଗୋପବନ୍ଧୁନଗରର ଡେଲଟା ଛକର ୧୬୪ ନମ୍ବର ପ୍ଲଟରେ ଥିବା ଏହି ସରକାରୀ ଆବାସିକ ଜମିର ଏକର ପ୍ରତି ମୂଲ୍ୟ ଥିଲା ୧୧.୯୬ କୋଟି ଟଙ୍କା। ସମୁଦାୟ ୧.୭୩ ଏକର ଜମିର ସରକାରୀ ମୂଲ୍ୟ ଥିଲା ୨୦.୬୯ କୋଟି ଟଙ୍କା। ଆଇଜିଆର ଓ୍ୱେବସାଇଟ ଓ ଭୁବନେଶ୍ୱର ରେଜିଷ୍ଟ୍ରାରରେ ଅଫିସରେ ବି ଏହି ସାର୍ବଜନୀନ ତଥ୍ୟ ଉପଲବ୍ଧ ରହିଛି। ତେବେ ସେତେବେଳେ ସେହି ଜମିର ବଜାର ମୂଲ୍ୟ ଅତି କମରେ ୪୦ କୋଟି ଟଙ୍କା ହୋଇଥାନ୍ତା ବୋଲି କୁହାଯାଉଛି ।ଚାର୍ଟେଡ ଆକାଉଣ୍ଟାଣ୍ଟ ଚିତ୍ତରଂଜନ ବେହେରା କୁହନ୍ତି, ଜମି ଚାରିପାଖରେ ୨୦୦ ଫୁଟିଆ ରାସ୍ତା ଥାଉ କି ୧୦୦ ଫୁଟିଆ ରାସ୍ତା ରାଜସ୍ୱ ବିଭାଗ ପକ୍ଷରୁ ସ୍ଥିରୀକୃତ ବେଂଚ୍ ମାର୍କ ଭାଲ୍ୟୁ ସମାନ ରହିଥାଏ। ମାତ୍ର ମାର୍କେଟ ଭାଲ୍ୟୁକୁ ବଜାର ବା ମାର୍କେଟ ସ୍ଥିର କରିଥାଏ। ତେଣୁ ବେଂଚ୍ ମାର୍କ ଭାଲ୍ୟୁ ଓ ମାର୍କେଟ ଭାଲ୍ୟୁରେ ପାର୍ଥକ୍ୟ ଦେଖାଯାଏ ।ଏବେ ଦେଖନ୍ତୁ, ଏହି ଜମିକୁ ପାଇଛି କେଉଁ ରିଏଲ ଇଷ୍ଟେଟ ସଂସ୍ଥା ? ନିଲାମରେ କୁଆଡ ? ସବୁଠାରୁ ଅଧିକ ଅର୍ଥ ଡିଏନ୍ ହ୍ମେ ଦେଇଥିଲା ବୋଲି ବିଡିଏ ସୂଚନା ଅଧିକାର ଆଇନରେ ଦର୍ଶାଇଛି। ୨୬.୦୨.୨୦୨୦ରେ ନିଲାମଧାରୀ ଡିଏନ୍ ହୋମସ ତା' ଦ୍ୱାରା ଗଠିତ ଏକ ସ୍ୱ ?ଶାଳ ପର୍ପୋଜ ଭେଇକିଲ୍ ବା ଏସପିଭି- 'ଲକଜୁରିଓ ଆସେଟ୍ସ ପ୍ରାଇଭେଟ ଲିମିଟେଡ୍' ଜରିଆରେ ଏ ନେଇ ବିଡିଏ ସହ ଲିଜ ଚୁକ୍ତି କରିଛି। ଲକଜୁରିଓ ଆସେଟ୍ସ ପ୍ରାଇଭେଟ ଲିମିଟେଡରେ ଡିଏନ୍ ହୋମସର ୫୧ ପ୍ରତିଶତ ଅଂଶଧନ ଥିବା ବେଳେ ରାଉରକେଲାର ଦୀପ୍ତିରଂଜନ ପଟ୍ଟନାୟକଙ୍କର ରହିଛି ୪୯ ପ୍ରତିଶତ ଅଂଶଧନ। ତିନି ଜଣ ନିର୍ଦ୍ଦେଶକଙ୍କ ଭିତରେ ଅଛନ୍ତି ଭୁବନେଶ୍ୱର ଡିଏନ୍ ହୋମସ ପ୍ରାଇଭେଟ ଲିମିଟେଡର ଏମଡି ଜଗଦୀଶ ପ୍ରସାଦ ନାୟକ, ରାଉରକେଲାର ଶିଳ୍ପପତି ଦୀପ୍ତିରଂଜନ ପଟ୍ଟନାୟକ। ଆଉ ଜଣେ ନିର୍ଦ୍ଦେଶକ ଅଛନ୍ତି କନସଲଟାଂଟ୍ ଜିତେନ୍ଦ୍ର କୁମାର ମହାନ୍ତି। ଯାହାଙ୍କର ଏଥିରେ କୌଣସି ଅଂଶଧନ ନାହିଁ। ଜଗଦୀଶ ପ୍ରସାଦ ନାୟକଙ୍କ ଡିଏନ ଗ୍ରୁପ୍ ଭୁବନେଶ୍ୱରରେ ଡିଏନ୍ ରେଗାଲିଆ, ତାଜ ଭିଭାନ୍ତ, ଭିପୁଲ୍ ଗାର୍ଡେନସ ଭଳି ଅନେକ ବଡ ପ୍ରୋଜେକ୍ଟ କରିଛନ୍ତି। ନିକଟରେ ଦୁବାଇରେ ହେଉଥିବା ଇନଭେଷ୍ଟର୍ସ ମିଟରେ ଯୋଗ ଦେବା ପାଇଁ ରାଜ୍ୟ ସରକାର ଜଗଦୀଶ ପ୍ରସାଦ ନାୟକଙ୍କୁ ନିମନ୍ତ୍ରିତ ପ୍ରତିନିଧି ଭାବେ ଦୁବାଇ ନେଇଥିଲେ। ଏ ସବୁରେ କୌଣସି ସଂଯୋଗ ଥାଉ ବା ନଥାଉ, ଷ୍ଟାର ହୋଟେଲ ପାଇଁ ଜମି ନିଲାମ ବେଳେ ସରକାରୀ ଜମିର ଲିଜ୍ ମୂଲ୍ୟ କିଭଳି ବେଂଚ୍ ମାର୍କ ମୂଲ୍ୟଠାରୁ ବି କମିଯାଉଛି ତାହା ଚିନ୍ତାର ବିଷୟ ହୋଇଛି। ଏଥିରେ କୌଣସି ବଡ ବାବୁଙ୍କର ହାତ ରହିନାହିଁ ତ ତାହା ପ୍ରଶ୍ନ ସୃଷ୍ଟି କରୁଛି।










## ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଳଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ




ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ

**ହିମାଂଶୁଶେଖର ଆଚାର୍ଯ୍ୟ**

ଆଜି ହେଉଛି ଜାତୀୟ ପ୍ରେସ୍ ଦିବସ। ଜାତୀୟ ପ୍ରେସ୍ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ। ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍



କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷା ଦେବା। ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ୍ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ୍ କାଉନସିଲ ତା'ର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି। ତେଣୁ ଜାତୀୟ ପ୍ରେସ୍ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ। ସେଥିପାଇଁ ପ୍ରତିବର୍ଷ ବିଭିନ୍ନ ଆଲୋଚନାଚକ୍ର କରାଯାଇ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସଚେତନତା ସୃଷ୍ଟି କରାଯାଉଅଛି।

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ । ସେମାନେ



ହେଲେ-ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମ ସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟ ସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟ ସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥ ସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ। ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି । ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି । ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତାର ସ୍ଥାନ ବଜାୟ ରଖିଛି । ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇପାରୁଛି । ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା। ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା। ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ। ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା। ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢିଛି । ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି । ଖବରକାଗଜ-ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଛି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ । ପାଠକୀୟ ସ୍ୱୀକୃତିକୁ ନେଇ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପଇଁ ଆଜି ଗାଁଗଣ୍ଡାଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା' ଦୋକାନ, ପାନ ଦୋକାନ, ସେଲୁନଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଂଟ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ। ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି ।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ। ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ। ଏ




ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି । ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ଦ୍ୱାରା ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ ପାଆନ୍ତି ନାହିଁ । ମୋବାଇଲ୍, କମ୍ପ୍ୟୁଟର୍, ଇଣ୍ଟର୍‌ନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ଏବଂ ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି । ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି ।

ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢିବାରେ ଲାଗିଛି । ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେହେଉଛି । ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି । ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିପାରିବେନି । ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳା-କାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍‌ଫଣ୍ଡ୍ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହିଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ। କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେନାହିଁ ଏବଂ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତା'ହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ।

ଖାଲି ସେତିକି ନୁହେଁ, ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି । ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି । ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକିଆଣୁଛେ । ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢିବାରେ ଲାଗିଛି । ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି । ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି । ଫଳରେ ଏହା କେତେବେଳେ ଜଣକୁ 'ଜିରୋ'ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ'ରୁ 'ଜିରୋ' କରିଦେଉଛି । ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି । ଗଣମାଧ୍ୟମ ଏବେ ସରକାରୀକଳର ହାତବାରସି ହେବାକୁ ଲାଗିଲେଣି । ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର । ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ। କିଏ ବା ନଜାଣିଛି ଏକଥା - "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ । ଗଣମାଧ୍ୟମ ତାର ଉତ୍ତରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ।

—ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୩୩୭୨୨୧୯୨୪

# ଗଣମାଧ୍ୟମ ସ୍ୱାଧୀନତା

ଗଣତାନ୍ତ୍ରିକ ଶାସନରେ ବିଶେଷକରି ଭାରତପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ବିକେନ୍ଦ୍ରୀକରଣରେ ତିନୋଟି ବିଭାଗ ଅଛି; ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା। ପ୍ରଥମଟିର କାମ ହେଲା ଶାସନ ପାଇଁ ଆଇନ ପ୍ରଣୟନ ଏବଂ ସଂଶୋଧନ ଇତ୍ୟାଦି। ଦ୍ୱିତୀୟଟି ହେଲା ଏହାକୁ କାର୍ଯ୍ୟକାରୀ କରିବା। ପ୍ରଥମଟି ସଂସଦର ଏବଂ ଦ୍ୱିତୀୟଟି ମନ୍ତ୍ରୀମଣ୍ଡଳର। ଏ ଦୁହେଁ ସମ୍ପର୍କିତ ବା ନିର୍ଭରଶୀଳ। ମାତ୍ର ନ୍ୟାୟପାଳିକା ଏ ଦୁଇଟିଯାକ ପ୍ରଭାବରୁ ମୁକ୍ତ। ଏହା ଏକ ସ୍ୱାଧୀନ ଏବଂ ନିରପେକ୍ଷ ଅନୁଷ୍ଠାନ। ଏହି ତିନି ବିଭାଗକୁ



ସଂବିଧାନର ତିନୋଟି ସ୍ତମ୍ଭ ବୋଲି କୁହାଯାଏ। ପ୍ରଥମ ଦୁଇଟିର ନିୟନ୍ତ୍ରକ ହେଉଛି ନ୍ୟାୟପାଳିକା। ସେମାନଙ୍କର ଭୁଲଭଟକା ବିଚାର କରି ରାୟଦେବା ତାହାର କାମ। ଏହା ରାଜନୈତିକ ପ୍ରଭାବମୁକ୍ତ। କିନ୍ତୁ ଅଧୁନା ଏହା ମଧ ଦୁର୍ନୀତିମୁକ୍ତ ନୁହେଁ।

ଏ ସମସ୍ତଙ୍କୁ ନିୟନ୍ତ୍ରିତ କରି ଦେଶର ସୁପରିଚାଳନା ଦାୟିତ୍ୱ ତୁଲାଇବାରେ ଆଉ ଏକ ମାଧ୍ୟମ ଅଛି । ତାହାହିଁ ଗଣମାଧ୍ୟମ: ଲୋକଙ୍କ ମାଧ୍ୟମ। ଗଣମାଧ୍ୟମର କାମ ହେଲା ସଂବାଦ ସଂଗ୍ରହ କରିବା ଏବଂ ତାକୁ ବିତରଣ ବା ପରିବେଷଣ କରିବା, ଯାହା ଫଳରେ କି ଗଣମାନେ ଏହାକୁ ଜାଣିପାରିବେ ଏବଂ ତଦନୁଯାୟୀ ସେମାନଙ୍କର କ୍ରିୟା ବା ପ୍ରତିକ୍ରିୟା ପ୍ରକାଶ କରିବେ। ଭିନ୍ନ ଭାଷାରେ କହିଲେ: ପ୍ରେସ ବା ଗଣମାଧ୍ୟମ ଏଭଳି ଏକ ବ୍ୟବସ୍ଥା ଯାହା ରାଷ୍ଟ୍ର, ସମାଜ ଓ ବ୍ୟକ୍ତିକୁ ସମ୍ପର୍କିତ ଓ ସମ୍ବନ୍ଧିତ କରିବ ଏବଂ ଏପରି ଭାବେ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା କଥା ବ୍ୟକ୍ତିଗତ ଜୀବନର ବିକାଶ ଓ କଲ୍ୟାଣ ନିମନ୍ତେ ସହାୟକ ହୋଇଥାଏ। ଏହା ବ୍ୟକ୍ତି ବା ସମାଜର ଚିତ୍ର, ଆଶା, ଆକାଙ୍କ୍ଷା ଇତ୍ୟାଦି ସମୂହକୁ ଶାସନକଳ ପାଖରେ ପହଞ୍ଚାଏ ଏବଂ ଅନ୍ୟପକ୍ଷରେ ସେମାନଙ୍କର ଦୁର୍ନୀତି ଓ ସୁନୀତିକୁ ଲୋକଲୋଚନକୁ ଆଣି ଏକ ସୁନିୟନ୍ତ୍ରିତ ଏବଂ ସୁଚାଳିତ ଶାସନ ଓ ସମାଜ ଗଠନରେ ସହାୟକ ହୋଇଥାଏ।

ଗଣମାଧ୍ୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେବଳ ସତ୍ୟକୁ ଆବିଷ୍କାର କରିବା ଏବଂ ଉକ୍ତ ସତ୍ୟ ଭିନ୍ନ ଅନ୍ୟ କିଛି ପରିବେଷଣ ନକରିବା ତଥା ଏହି ସତ୍ୟ ମାଧ୍ୟମରେ 'ସାଧୁ ସାବଧାନ' ବାଣୀ ଶୁଣାଇବା। ସମାଜକୁ ସଜାଡ଼ିବା ତଥା ସମାଜ ଓ ବ୍ୟକ୍ତି ଚରିତ୍ର ସଂଶୋଧନ ଓ ଗଠନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଏହା ଏକ ପୁରାତନ ବ୍ୟବସ୍ଥା ଯାହାର ପ୍ରବର୍ତ୍ତା ଥିଲେ ଦେବର୍ଷି ନାରଦ ଯିଏକି ଅପ୍ରିୟ ସତ୍ୟ ପରିବେଷଣ କରୁଥିଲେ ତିନିଲୋକ: ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳପୁରୀରେ। ସତ୍ୟ ପରିବେଷଣ କରିବାରେ ସେ ଥିଲେ ନିର୍ଭୀକ ଓ ନିରପେକ୍ଷ। ସେହିପରି ସତ୍ୟ ସଂଗ୍ରହରେ ଥିଲେ ଦୁଃସାହସିକ। ସେ ଯୁଗରେ ସେ ଜଣେ, ଯିଏକି ଗଣକୁ ନିୟନ୍ତ୍ରଣ କରୁଥିଲେ ଅଥଚ ଆଜି 'ଗଣ' 'ଗଣ'କୁ ବା 'ଜଣ'କୁ ନିୟନ୍ତ୍ରଣ କରୁଛି।

ଏବେ ଯୁଗର ପରିବର୍ତ୍ତନ ତଥା ବିଜ୍ଞାନର ପ୍ରଭାବକ୍ରମେ ଗଣମାଧ୍ୟମର ରୂପ ଅନେକ ପ୍ରକାର : ପ୍ରିଣ୍ଟ ମିଡ଼ିଆ ଅର୍ଥାତ୍ ସମ୍ବାଦପତ୍ର, ପତ୍ରପତ୍ରିକା, ଇଲୋକଟ୍ରୋନିକ୍ ମିଡ଼ିଆ ଅର୍ଥାତ୍ ଆକାଶବାଣୀ ଦୂରଦର୍ଶନ, ଇଣ୍ଟରନେଟ୍, ୱେବସାଇଟ୍ ଏବଂ ମାସ୍ ମିଡ଼ିଆ ଯେମିତି ଯାତ୍ରା, ସିନେମା, ଦାସକାଠିଆ, ପ୍ରାଚୀର ପତ୍ର, ସଭାସମିତି... ଇତ୍ୟାଦି ଇତ୍ୟାଦି। ଏବେ ଗଣମାଧ୍ୟମର ବିଶ୍ୱସନୀୟତା ଏବଂ ସ୍ୱାଧୀନତା ନେଇ ପ୍ରଶ୍ନ ଉଠିଲାଣି ? ଏ ମାଧ୍ୟମଗୁଡ଼ିକ ଅନ୍ୟର ଯେମିତି ନିୟନ୍ତ୍ରକ, ଏମାନଙ୍କର କେହି ନିୟନ୍ତ୍ରକ ନାହାଁନ୍ତି ତ ? ଗଣମାଧ୍ୟମର ସାଂବାଦିକମାନେ ତଥା ସେମାନଙ୍କର ସଂସ୍ଥା, ନିର୍ଭୀକ, ନିରପେକ୍ଷ ଓ ନିର୍ଲୋଭ ତଥା ନିର୍ଲିପ୍ତ, ନିର୍ବିକାର ଅଟନ୍ତି ତ ? ସେମାନଙ୍କର ନିଜସ୍ୱ ସ୍ୱାଧୀନତା ଅଛି ନା କାହାଦ୍ୱାରା ପରିଚାଳିତ ? ସେମାନେ ସବୁରୁ ମୁକ୍ତ, ନା କ୍ରୀତ ? ସେମାନେ କାହା ପ୍ରତି ଭୟକାରକ ଅଥବା କାହା ପ୍ରତି ଭୟଭୀତ ? ଏମିତି ଅନେକ ପ୍ରଶ୍ନ। ସଂକ୍ଷେପରେ କୌଣସି କାରଣରୁ ନିଜ କର୍ତ୍ତବ୍ୟପ୍ରତି ପରାଧୀନ ନା ସ୍ୱାଧୀନ !

ଏ ସଂପର୍କରେ ଏତିକି କୁହାଯାଇପାରେ ଯେ ଅଧିକାଂଶ ଗଣମାଧ୍ୟମ କେତେକ ଶାସନର ରାଜଦଣ୍ଡଧାରୀଙ୍କ ଦ୍ୱାରା ପରିଚାଳିତ, ଯାହାକୁ ସେମାନେ ନିଜର ସ୍ୱାର୍ଥ ହାସଲପାଇଁ ହାତବାରିସୀ କରିଥାଆନ୍ତି। ଅନେକ କିଛିଟା ଅସତ୍ୟ ପାଇଁ ଚାପଗ୍ରସ୍ତ, କେହି ପ୍ରଲୋଭନର ବଶୀଭୂତ, କେହି ସତ୍ୟପାଇଁ ପ୍ରାଣବଳି ଦେବାକୁ ପଡ଼େ ବୋଲି ଅତ୍ୟନ୍ତ ଭୟଭୀତ। ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଦେଖାଯାଇଛି ଯେ ଯେଉଁ ସାଂବାଦିକମାନେ ସ୍ୱାଧୀନଚେତା ଏବଂ କୌଣସି ଚାପର ବଶବର୍ତ୍ତୀ ହୋଇନାହାଁନ୍ତି ଏବଂ କାହାର କାର୍ଯ୍ୟ ହାସଲରେ ଅନ୍ତରାୟ ହୋଇଛନ୍ତି, ସେମାନଙ୍କୁ ସେମାନେ ଗୁଳି ବା ହତ୍ୟାକରି ମାରିଛନ୍ତି ଅଥବା ଅପହରଣ କରି ଚିରଦିନ ନିଖୋଜ ରଖୁଛନ୍ତି। ଏଣୁ ସତ୍ୟଟି ଦିଶୁଥିଲେ ମଧ ତାକୁ ଗଣଙ୍କୁ ଦେଖାଇବାର କେହି ସାହସ କରୁନାହାଁନ୍ତି; କାରଣ ସେମାନଙ୍କର ସଂସାର ଅଛି।

କେତେଜଣ ସ୍ୱାଧୀନଚେତା ସାଂବାଦିକ ବା ଗଣମାଧ୍ୟମ ଅଛନ୍ତି ଯିଏକି ସତ୍ୟପାଇଁ ଗାନ୍ଧି ପରି ଗୁଳି ଖାଇବା, ଅଥବା ନିର୍ଯ୍ୟାତିତ କି କାହାପରି ଅତ୍ୟାଚାରିତ ହେବାକୁ ଚାହାନ୍ତି ? ଏବେ ଆନ୍ତର୍ଜାତିକ ସ୍ତରରେ ପ୍ରତିବର୍ଷ ମେ' ୩ ତାରିଖ ବିଶ୍ୱ ଗଣମାଧ୍ୟମ ଦିବସରେ ସ୍ୱାଧୀନଚେତା ସାଂବାଦିକ ଯିଏକି ତାଙ୍କ ବୃତ୍ତିପାଇଁ ନିର୍ଯ୍ୟାତିତ, ଅତ୍ୟାଚାରିତ ଓ ଯନ୍ତ୍ରଣାଗ୍ରସ୍ତ ଏମିତି ଜଣକୁ ପୁରସ୍କାର ଦିଆଯାଉଛି। ଏହା ଏକ ଏ ବୃତ୍ତି ପାଇଁ ପ୍ରୋତ୍ସାହନ। ତଥାପି କହିବା ଗଣମାଧ୍ୟମର ସ୍ୱାଧୀନତା ଅଙ୍କୁଶମୁକ୍ତ ନୁହେଁ, କେବେ ନୁହେଁ।

**—ବିପିନବିହାରୀ ମହାନ୍ତି**

*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ଖେଳକୁଦ ସମାରୋହ



ଭୁବନେଶ୍ୱର (ପିଏନ୍): ଆଦିମାତା କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଇଏସ୍ଆଇସିର ଯୁବ ନିର୍ଦ୍ଦେଶକ ଡଃ ଦିଲ୍ଲୀପ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଶିଶୁମାନଙ୍କର ଶାରୀରିକ, ମାନସିକ ଓ ନୈତିକ ବିକାଶ ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ୯ ଓ ୧୨ ନମ୍ବର ଓାର୍ଡ କର୍ପୋରେଟର ସୁଷମା ସାହୁ, ଜୟନ୍ତୀ ସାହୁ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଦୁଷ୍ମନ୍ତ ନାୟକ, ପୂର୍ବତନ କ୍ରିକେଟର ସତ୍ୟ ରଂଜନ ଶତପଥୀ, ପରିଚାଳନା ସମିତି ସମ୍ପାଦକ ପ୍ରଶନ୍ନ କୁମାର ସାହୁ, ଯୁଗ୍ମ ସମ୍ପାଦକ ଯତିନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ପବିତ୍ର ସାହୁ, ବିଶିଷ୍ଟ ସମାଜସେବୀ ପ୍ରଶନ୍ନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦୀପ୍ତିମୟ ରଥ ମଞ୍ଚ ପରିଚାଳନା, କ୍ରୀଡା ପ୍ରମୁଖ ବିଚିତ୍ର ଦାସ ବୃତ୍ତ କଥନ ଓ ଆଚାର୍ଯ୍ୟ ଜୀବନ ମିଶ୍ର ଶାରୀରିକ ପ୍ରଦର୍ଶନୀ ଗୁଡିକର ପରିଚାଳନା କରିଥିଲେ। ପ୍ରମୁଖ ଉପଦେଷ୍ଟା ନନ୍ଦ କିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମାପନ ହୋଇଥିଲା। ଏହି ଖେଳକୁଦ ସମାରୋହରେ ମୋଟ ୬୦ଟି କ୍ରୀଡାକୁ କନିଷ୍ଠ ଶିଶୁ, ବାଲ ଓ କିଶୋର ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରୁ କୃତିତ୍ୱ ଅର୍ଜନ କରଥିବା ୨୦୦ ପ୍ରତିଭାଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ଶାରୀରିକ ପ୍ରଦର୍ଶନୀ ଓ ନୃତ୍ୟ ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟିର ଥିଲା। ଆଚାର୍ଯ୍ୟ ଶ୍ରୀକାନ୍ତ ସାହୁ, ମନୋଜ ଦାଶ, ମନୋରଂଜନ ପାଢୀ, ପ୍ରିୟବ୍ରତ ପରିଡା, ଅମୀୟ ଜେନା, ରିତେଶ କୁମାର ସାହୁ ଓ ପ୍ରେମଲତା ବାରିକ, ଶକୁନ୍ତଳା ମଲ୍ଲିକ, ଅପୂର୍ବା ଦାସ, ପ୍ରତିଭାମଂଜରୀ ବିଶ୍ୱାଳ, ସଶ୍ମିତା ପରିଜା, ସ୍ନିଗ୍ଧା ସାମଲ କ୍ରୀଡାକୁ ପରିଚାଳନା କରିଥିଲେ।

## ଜିଲ୍ଲା କଂଗ୍ରେସ ତରଫରୁ ପଣ୍ଡିତ ନେହେରୁଙ୍କ ଜୟନ୍ତୀ ପାଳିତ

ରାଉରକେଲା (ପିଏନ୍): ନବଭାରତର ନିର୍ମାତା ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାରତରତ୍ନ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଜନ୍ମଜୟନ୍ତୀ ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଗତ ୧୪ ତାରିଖରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସକାଳ ସାଢେ ୯ଟା ଘଟିକା ସମୟରେ କୋଏଲନଗର ସ୍ଥିତ ଡି ବ୍ଲକ୍ ଛକରେ ସମବେତ ହୋଇ



ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ସକାଳ ସାଢେ ୧୦ ଘଟିକା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଏହି ସ୍ମୃତିସଭାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ । ଇଂରେଜ ଶାସନ ଦ୍ୱାରା ଲୁଣ୍ଠିତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଦାୟିତ୍ୱ ନେଇ ଦେଶର ନବନିର୍ମାଣ କରିଥିଲେ ବୋଲି ଏହି ଅବସରରେ ନେତୃବୃନ୍ଦ ପ୍ରକାଶ କରି ରାଉରକେଲା ଇସ୍ପାତ କାରଖାନା ଓ ସହର ନେହେରୁଙ୍କ କାଳଜୟୀ ସୃଷ୍ଟି ବୋଲି ମତ ପ୍ରକାଶ କରିଥିଲେ । ରାଉରକେଲା ସହରକୁ ଆହୁରି ଅଧିକ ସରସ ସୁନ୍ଦର କରି ଗଢି ତୋଳିଲେ ତାହା ତାଙ୍କ ପ୍ରତି ସବୁଠାରୁ ବଡ ଶ୍ରଦ୍ଧାଂଜଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି, ଅନ୍ୟତମ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ରାମାନନ୍ଦ ଶ୍ରୀଚନ୍ଦନ, ରଶ୍ମିରଂଜନ ପାଢୀ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ରାଜ୍ୟ ମହିଳା ସମ୍ପାଦିକ ଲତା ନାୟକ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଓବିସିର ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ଉପସଭାପତି ଉମେଶ ଶରଣ ଓ କୀର୍ତ୍ତନ ଦାସ, ମୁଖପାତ୍ର ଆର୍‌ପି ସିଂହ, ବରିଷ୍ଠ ନେତା ଗଣେଶ ପ୍ରଧାନ ଓ ଇନ୍ଦ୍ରମୋହନ ପଣ୍ଡା, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବ୍ଲକ୍ ସଭାପତି ରଘୁନାଥ ଦାସ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ପୂର୍ବତନ ବ୍ଲକ୍ ସଭାପତି ଗୋକୁଳାନନ୍ଦ ପଣ୍ଡା, ବ୍ଲକ୍ ସଭାପତି ପ୍ରତାପ ବେହେରା, ସମ୍ପାଦକ ରବୀନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ରେହେମାନ ଖାନ, ବିଜୟ ବେହେରା, ସୁଶାନ୍ତ ପଟ୍ଟନାୟକ, ବିଜୟଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ଗୀତା ସିଂହ, ଯୁବନେତା ପ୍ରଦୀପ ବେହେରା, ସାହିର ହୁସେନ, ସାକିର ହୁସେନ, ରୋଶନ ତିର୍କୀ, ବିଶ୍ୱରନ ରାଉତ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଧର୍ମେନ୍ଦ୍ର ସିଂହ, ରମେଶ ଗୁପ୍ତା ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ପରେ କୋଏଲନଗର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା କଂଗ୍ରେସ ତରଫରୁ ଅଧ୍ୟୟନରତ ଶିଶୁମାନଙ୍କୁ ଖାତା ଓ ବିସ୍କୁଟ ବଣ୍ଟନ କରାଯାଇଥିଲା । ସକାଳୁଆ ସ୍କୁଲ ଯୋଗୁ ଶିଶୁମାନେ ଛୁଟିପରେ ଘରକୁ ଚାଲିଯାଇଥିବାରୁ ସମସ୍ତ ସାମଗ୍ରୀ ବଣ୍ଟନ ନିମନ୍ତେ ଜିଲ୍ଲା କଂଗ୍ରେସ ତରଫରୁ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି

## ଗୁଣିଗାରେଡ଼ି ପାଇଁ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ଧର୍ମଶାଳା (ପିଏନ୍): ଗୁଣିଗାରେଡ଼ି ପାଇଁ ଧର୍ମଶାଳା ଥାନା ଥାନୁଆଳ ପଂଚାୟତ ରଘୁନାଥପୁର ଗ୍ରାମର ଅନଙ୍କ କୁମାର ଦାସ(୩୬)ଙ୍କୁ ଗତକାଲି ସକାଳେ ପ୍ରାଣାନ୍ତକ ଆକ୍ରମଣ ହୋଇଛି । ତନ୍ତ୍ରବିଦ୍ୟା ଶିଖୁଥିବା ଏହି ଗ୍ରାମର ସୁବାସ ମଲିକ (୬୨)ଙ୍କ ଖଣ୍ଡା ଚୋଟରେ ଅନଙ୍କ କାନରେ ଗଭୀର ଆଘାତ ଲାଗିଛି । ଏ ସଂପର୍କରେ ସେ ଥାନାରେ ଏତଲା ଦେଇଛନ୍ତି । ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି । ଘଟଣା ପରଠାରୁ ଅଭିଯୁକ୍ତ ସୁବାସ ଫେରାର୍ ହୋଇଯାଇଛି । ପ୍ରକାଶ ଯେ, ରଘୁନାଥପୁର ଗ୍ରାମର ଅନଙ୍କ ସକାଳେ ଗ୍ରାମ୍ୟ ଜଙ୍ଗଲକୁ ଶୌଚ ହେବାପାଇଁ ଯାଉଥିବା ବେଳେ ସୁବାସ ହଠାତ୍ ତାଙ୍କ ବେକକୁ ଖଣ୍ଡାଚୋଟ ମାରିଥିଲା । ସେ ଧରି ପକାଇବାରୁ ବେକ ବଦଳରେ ତାଙ୍କ କାନ ହାଣି ହୋଇଯାଇଥିଲା । ପୁଣି ଏକ ଚୋଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ଅନଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକମାନେ ପହଂଚିଯିବାରୁ ସୁବାସ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା । ପରିବାର ଲୋକ ଆହତ ଅନଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ଶ୍ରୀ ମଲିକ କିଛିବର୍ଷ ହେଲା ତନ୍ତ୍ରଶିକ୍ଷା କରୁଥିବା ବେଳେ ରାତିରେ ପାଖ ଜଙ୍ଗଲରେ ପଶୁପକ୍ଷୀଙ୍କୁ ବଳି ଦେଉଥିବା ଅନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୁକ୍ତକୁ ଧରିବାରେ ପୁଲିସ୍ ସକ୍ଷମ ହୋଇନାହିଁ । ତୁରନ୍ତ ତାକୁ ଗିରଫ କରିବାପାଇଁ ଆହତ ଅନଙ୍କ ଦାବି କରିଛନ୍ତି ।

## ମହିଳା କଂଗ୍ରେସ ପକ୍ଷରୁ ମାଗଣା ଦନ୍ତଚିକିତ୍ସା ଶିବିର ଓ କମ୍ବଳ ବଂଟନ




ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୬୬ ନଂ ୱାର୍ଡରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀଙ୍କ ଦ୍ୱାରା ଏକ ମାଗଣା ଦନ୍ତଚିକିତ୍ସା ଶିବିର ଏବଂ କମ୍ବଳ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ୬୬ ନଂ ୱାର୍ଡ଼ ଏବଂ ଆଖପାଖ ଅଂଚଳର ଗରିବ ଲୋକେ ଦନ୍ତ ଚିକିତ୍ସା କରାଇଥିଲେ। ଭିନ୍ନକ୍ଷମ ଏବଂ ଗରିବ ଲୋକମାନେ ମଧ୍ୟ ଏଠାରୁ କମ୍ବଳ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ତ୍ରିପାଠୀ କହିଥିଲେ ଯେ ବେକାର ଯୁବକଯୁବତୀମାନଙ୍କୁ ଧନ୍ଦାମୂଳକ ଶିକ୍ଷାର ତାଲିମ ଦିଆଯାଇ କିପରି ସ୍ୱାବଲମ୍ବୀ କରାଯିବ ସେଥିପାଇଁ ଉଦ୍ୟମ ଜାରି ରହିଛି। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଜୟଦେବ ଜେନା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଥିଲେ ଯେ କଂଗ୍ରେସ ସର୍ବଦା ସାଧାରଣ ଲୋକଙ୍କ ସହିତ ଅଛି। ଲୋକଙ୍କର ନ୍ୟାର୍ଯ୍ୟଦାବୀ ପାଇଁ ଲଢ଼େଇ କରୁଛି ଏବଂ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୋଧରେ ଧାରାବାହିକ ସଂଗ୍ରାମ କରୁଛି। ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହଯୋଗରେ ସେ ରଘୁନାଥ ନଗର ସ୍ଥାପନ କରିବାକୁ ସକ୍ଷମ ହୋଇପାରିଥିଲେ। ଏଠାରେ କଂଗ୍ରେସ ସରକାର ଏଠାରେ ସମସ୍ତଙ୍କୁ ସ୍ଥାୟୀ ଜାଗା ଦେଇଛି। ମାତ୍ର ନବୀନ ସରକାର ଯେଉଁ ଜାଗା ମିଶନ କଥା କହୁଛନ୍ତି, ତାହା ଠିକ୍ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନି। ଏଠାରେ ସରକାରୀ ଯୋଜନାର ରୂପାୟନରେ ପାତରଅନ୍ତର କଲେ ଭୟଙ୍କର ଭାବେ ବିରୋଧ କରାଯିବ ବୋଲି ସେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ରଘୁନାଥ ନଗରର ସାଧାରଣ ଜନତାଙ୍କ ପାଇଁ ଆମେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛୁ। ଲୋକଙ୍କ ହୃଦୟରେ ଅଛୁ। ସରକାରୀ ଅପାରଗତା, ଉଦାସୀନତା ଓ ପକ୍ଷପାତିତା ବିରୋଧରେ ଲଢ଼େଇ କରାଯିବ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମହମ୍ମଦ ଗୁଲଫାମ, ସେକ ଅପତାବ ଅଲ୍ଲୀ, ପ୍ରଭାତ ବାରିକ, ନିଆଜୁଲ ଇସଲାମ, ସମିଉଲ ହକ, ମିହିର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ନଭେମ୍ବର ୧୬**

# —ସୁସ୍ଥ ସାଧନା—



ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ଜୀବନ ସୁଖୀ ଜୀବନ। ଦୁଃଖ ଯନ୍ତ୍ରଣା ରହିତ ଶରୀର ଓ ମନ ହେଉଛି ସୁସ୍ଥତାର ଲକ୍ଷଣ। ଏକଥା ଆମେ ସମସ୍ତେ ଜାଣିଛେ। ଯେଉଁଠି ଜୀବନ ଅଛି ସେଠାରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଅଛି। ଶାରୀରିକ ଓ ମାନସିକ ଏହି ଦୁଇଟିର ଯଥାଯଥ ବିକାଶ ହେଉଛି ଉତ୍ତମ ସ୍ୱାସ୍ଥ୍ୟର ପରିଚୟକ। ଉତ୍ତମ ସ୍ୱାସ୍ଥ୍ୟ ସଫଳ ଜୀବନର ବାହକ। ଉତ୍ତମ ସ୍ୱାସ୍ଥ୍ୟ ବିନା ଜୀବନ ଦୁର୍ବିସହ ହୋଇଯାଏ। ମନୁଷ୍ୟ ଏହି ସୃଷ୍ଟିର ଶ୍ରେଷ୍ଠ ଜୀବ। କୌଣସି ବ୍ୟକ୍ତିକୁ ଯଦି ସମଗ୍ର ବିଶ୍ୱର ଅଧିଶ୍ୱର କରି ଦିଆଯାଏ, ଯେବେ ସେ ସୁସ୍ଥ ନଥାଏ ତେବେ ସମସ୍ତ ସମ୍ପଦ, ସମସ୍ତ ପଦ ପଦବୀ ତା ପାଇଁ ମୂଲ୍ୟହୀନ। ଏହି ଶରୀରକୁ ଆଧାର କରି ସବୁ କିଛି। ଭାଗବତରେ ଅଛି 'ଏ ଦେହ ଥିଲେ ସବୁ ପାଇଁ'। ତେଣୁ ଏହି ଈଶ୍ୱର ପ୍ରଦତ୍ତ ଶରୀର ରୂପକ ଯନ୍ତ୍ରଟିକୁ ଯତ୍ନର ସହିତ ସୁସ୍ଥ ସବଳ ଓ ସତେଜ କାର୍ଯ୍ୟକ୍ଷମ କରି ରଖିବାକୁ ହୋଇଥାଏ। ଏହା ଆମର ବାହନ। ଆମକୁ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାର ମାଧ୍ୟମ। ଯଦି ଯନ୍ତ୍ର ଅସୁସ୍ଥ ହୋଇଗଲା କାର୍ଯ୍ୟକ୍ଷମ ହେଲାନାହିଁ ତେବେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ନାହିଁ। ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍।

ସୃଷ୍ଟିର ଅନନ୍ତ ପ୍ରବାହ ଏକ ଅନୁଶାସନର ଅନୁବର୍ତ୍ତିତ। ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ନକ୍ଷତ୍ର, ଆକାଶ, ଅନିଳ, ଅନନ୍ଦ, ଜଳସ୍ଥଳ ଠାରୁ ଆରମ୍ଭ କରି ଚର ଅଚର ସବୁକିଛି ଏକ ନିୟମର ବଶବର୍ତ୍ତୀ। ନିୟମ ଏକ ଶୃଙ୍ଖଳା। ସମସ୍ତେ ନିୟମ ମାନି ଶୃଙ୍ଖଳାର ସହିତ ଆପଣା କର୍ତ୍ତବ୍ୟ ପାଳନ କରୁଛନ୍ତି। କେବଳ ମନୁଷ୍ୟ ସବୁ ଜାଣି ମଧ୍ୟ ସ୍ୱେଚ୍ଛାଚାରୀ ହୋଇ ନିୟମ ଉଲ୍ଲଂଘନ କରେ ବିଶୃଙ୍ଖଳିତ ଜୀବନ ଯାପନ କରେ। ଯାହାଫଳରେ ନିଜେ ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ହେବା ସହିତ ସାରା ସୃଷ୍ଟିକୁ ଅସୁସ୍ଥ ଏବଂ ବିଶୃଙ୍ଖଳିତ କରିଦିଏ। ଆମ ଅଜାଣତରେ ଆମ କର୍ମର ପ୍ରଭାବ ଅନ୍ୟ ମାନଙ୍କୁ ଭୋଗିବାକୁ ପଡ଼େ। ବର୍ତ୍ତମାନ ଆମେ ଭୋଗୁଥିବା ସମସ୍ତ ଦୁଃଖ ଦୈନ୍ୟ ଆମ ଅସୁସ୍ଥ ଆଚରଣର ପରିଣାମ ମାତ୍ର। ଆମେ ନିୟମାନୁବର୍ତ୍ତି ହେଲେ ପ୍ରକୃତି ମଧ୍ୟ ଆମର ସୁରକ୍ଷା କରିବ। ଭଗବାନ ବହୁ ଭାବରେ ଆମକୁ ସ୍ୱୟଂ ସଞ୍ଚାଳିତ କରିଛନ୍ତି। ଏହା ତାଙ୍କର ଅଶେଷ ଆଶୀର୍ବାଦ। ସଚେତନତା, ନିୟମାନୁବର୍ତ୍ତୀତା, ଧୈର୍ଯ୍ୟ, ଶ୍ରଦ୍ଧା, ପ୍ରେମ, କ୍ଷମା, ସହିଷ୍ଣୁତା, ଉତ୍ସାହ, ଉଦ୍ଦୀପନା ଓ କଠୋର ପରିଶ୍ରମ ଆଦି ଜୀବନ ନିର୍ମାଣର ଗୋଟିଏ ଗୋଟିଏ ବିଭାବ। ସୁସ୍ଥ ଜୀବନ ପାଇଁ ଭଗବାନ ଆମକୁ ଦୁଇଟି ଆଶୀର୍ବାଦ ଦେଇଛନ୍ତି। ଭୁଲିଯିବାର କଳା ଏବଂ ହସିବାର କଳା। ଏହି ଦୁଇଟି ଆଶୀର୍ବାଦ କଳା ଯଦି ଆମେ ଭଲ ଭାବେ ଦେଖିଯିବା ଶିଖିଯିବା ତେବେ ଜୀବନର ସବୁଠାରୁ ଦୁଃଖଦ ସମୟରେ ମଧ୍ୟ ଏହି କଳା ମଣିଷ ପାଇଁ ସଞ୍ଜିବନୀ ସଦୃଶ କାମ କରିବ।

ଆମ ଶରୀର ଏକ ବିଚିତ୍ର ଯନ୍ତ୍ର। ବିଚିତ୍ର କଳା କୌଶଳରେ ନିର୍ମିତ ଅନେକ ସୂକ୍ଷ୍ମାତି ସୂକ୍ଷ୍ମ ସ୍ୱୟଂ ଚାଳିତ ଯନ୍ତ୍ରାଂଶର ଏହା ସମ୍ମିଳିତ ସ୍ୱରୂପ। ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ, ପ୍ଲିହା, ପାକସ୍ଥଳୀ, ମୂତ୍ରଯନ୍ତ୍ର, ଶିରା ପ୍ରଶିରା ଭଳି ଅନେକ ଛୋଟ ବଡ଼ ଯନ୍ତ୍ର ମିଳିତ ଭାବେ ଶରୀର ମନକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଆନ୍ତି। କଥାରେ ଅଛି – ଯଦି ପେଟ ଓ ମୁଣ୍ଡ ଉଭୟ ପରିଷ୍କାର ତେବେ ଶରୀର ଆପାତତ୍ ସୁସ୍ଥ। ପ୍ରାୟ ରୋଗ, ଶୋକ, ଦୁଃଖର ଉତ୍ପତ୍ତି ସ୍ଥଳ ଏହି ପେଟ ଓ ମୁଣ୍ଡ ଅଟେ। ଖାଦ୍ୟ ଠିକ୍ ଠିକ୍ ପରିପାକ ହେଉଥିବ, ମଳମୂତ୍ର ନିଷ୍କାସନ ଠିକ ଭାବେ ହେଉଥିବ, ମୁଣ୍ଡରେ କୌଣସି କୁଚିନ୍ତା, ଦୁଶ୍ଚିନ୍ତା ନଥିବ, ନିଦ୍ରା ଠିକ ଭାବେ ହେଉଥିବ, ସ୍ନାୟବିକ ଦୌର୍ବଲ୍ୟତା ନଥିବ, ଅନ୍ତଃସ୍ରାବୀ ଗ୍ରନ୍ଥୀ ସଠିକ ଭାବେ କାର୍ଯ୍ୟ କରୁଥିବ, ତେବେ ଜାଣିବ ଶରୀର ଓ ମନ ନିଜ ନିଜ ଭିତରେ ସମନ୍ୱୟ ରକ୍ଷାକରିଛନ୍ତି। ଏହା ହେଉଛି ବାସ୍ତବ ସୁସ୍ଥତାର ଲକ୍ଷଣ। ସରଳ ଜୀବନ, ଉଚ୍ଚ ଚିନ୍ତନ, ଶୁଦ୍ଧ ବିଚାର, ପ୍ରଫୁଲ୍ଲ ମନ, ପୌଷ୍ଟିକ ଆହାର ଯଥାସମ୍ଭବ ମୁକ୍ତ ପବନରେ ଭ୍ରମଣ, ସୂର୍ଯ୍ୟସ୍ନାନ, ଶାରୀରିକ ବ୍ୟାୟାମ, ନିୟମିତ ଜପ, ଧ୍ୟାନ, ସେବା, ପ୍ରେମ ଆଦି ଈଶ୍ୱରୀୟ କର୍ମ ସମ୍ପାଦନ, ସତକର୍ମ, ବ୍ରହ୍ମଚର୍ଯ୍ୟ ପାଳନ, ସଦାଚାରଯୁକ୍ତ ଜୀବନ ଯାପନ ମଣିଷକୁ ସର୍ବଦା ସୁସ୍ଥ ରଖେ। ଆମ ଜନ୍ମ ଓ କର୍ମସ୍ଥଳୀରେ ଋତୁ ଅନୁସାରେ ମିଳୁଥିବା ଫଳ ମୂଳ, ପନିପରିବା ଆମ ଶରୀର ଓ ମନ ପାଇଁ ଉପାଦେୟ। ଭଗବାନ ସମସ୍ତଙ୍କର ଭରଣ ପୋଷଣକର୍ତ୍ତା। ଯେଉଁ ଅଞ୍ଚଳରେ ଯେଉଁ ଋତୁରେ ଯାହା ଖାଦ୍ୟ ପାନୀୟ ସ୍ୱାଭାବିକ ଭାବେ ଉପଲବ୍ଧ ତାହା ସେ ଅଞ୍ଚଳବାସୀଙ୍କ ପାଇଁ ଭଗବାନଙ୍କର ବିଧାନ। ଭଗବାନଙ୍କଠାରୁ ବଡ଼ ହିତାକାଙ୍କ୍ଷୀ ଆଉ କେହି ନାହାଁନ୍ତି। ତାଙ୍କ ନିର୍ଦ୍ଦେଶକୁ ବୁଝିବା ଓ ପାଳନ କରିବା ବ୍ୟକ୍ତି ପ୍ରକୃତରେ ସବୁ ଦୃଷ୍ଟିରୁ ସୁସ୍ଥ। ଏକାଦଶୀରେ ଉପବାସ ଶୁଦ୍ଧ ଜଳ, ପାନ, କୁସଙ୍ଗ, ବର୍ଜନକୁ ଅଭ୍ୟାସ ବର୍ଜନ, ନିହାତି ଆବଶ୍ୟକ। କୁସଙ୍ଗ ସବୁଠାରୁ ଭୟଙ୍କର ଓ ସବୁଠାରୁ କ୍ଷତିକାରକ। ଦୁଇଟି ମୁଖ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ଭଗବାନ ଆମକୁ ମାନବ ଶରୀର ପ୍ରଦାନ କରିଛନ୍ତି। ସେ ସବୁ ହେଲେ ଆତ୍ମ କଲ୍ୟାଣ କରି ଏହି ଜନ୍ମରେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ହେବା, ସଂସାରରୁ ପ୍ରାପ୍ତ ଏବଂ ସଂସାର ଦ୍ୱାରା ପରିପୁଷ୍ଟ ଏହି ଶରୀରକୁ ସମ୍ପୂର୍ଣ୍ଣ ଭାବେ ସଂସାର ସେବା ବା ହିତ ସାଧନ ବିନିଯୋଗ କରିବା। ଏହି ଲକ୍ଷ୍ୟ ସାଧନ ଆମର ଶ୍ରେଷ୍ଠ ବ୍ରତ ହେବା ଉଚିତ। ସତ ଆଚାର ବିଚାର ଯୁକ୍ତ ଜୀବନ ସୁସ୍ଥ ଜୀବନ। ଯଜ୍ଞରୁ ଏବଂ ଯଜ୍ଞ କର୍ତ୍ତବ୍ୟ କର୍ମରୁ ନିଷ୍ପନ୍ନ ହୋଇଥାଏ। ତ୍ୟାଗପୂତ ସତକର୍ମ ହେଉଛି ଯଜ୍ଞ। ଆମର ପ୍ରତ୍ୟେକ କର୍ମ ତଥା ଆମର ସମ୍ପୂର୍ଣ୍ଣ ଜୀବନ ଯଜ୍ଞମୟ ହୋଇଯିବା ଦରକାର। ଯଜ୍ଞ ହେଉଛି ସୃଷ୍ଟି ସର୍ଜନାର ମୂଳ, ସୁସ୍ଥ ଶରୀର ଏବଂ ସୁସ୍ଥ ମନର ମୂଳ। ଯଜ୍ଞ ଦ୍ୱାରା ଦେବତାମାନେ ସନ୍ତୁଷ୍ଟ ହୋଇ ଆମର ତୁଷ୍ଟି ଓ ପୁଷ୍ଟି ସାଧନ ପାଇଁ ଆବଶ୍ୟକ ଉପାଦାନ ପ୍ରଦାନ କରିବେ। ଏ ସଂସାରରେ ଆମ୍ଭମାନଙ୍କୁ ଯାହା ପ୍ରାପ୍ତ ହୋଇଛି ତାକୁ କେବଳ ନିଜ ପାଇଁ ବିନିଯୋଗ ନକରି ଅନ୍ୟର କଲ୍ୟାଣରେ ମଧ୍ୟ ଉପଯୋଗ କରିବା ଉଚିତ। ଏହାଦ୍ୱାରା ଶରୀର, ମନ, ଆତ୍ମା ସବୁର କଲ୍ୟାଣ ସାଧନ ହେବ। ଏହା ଅନୁଭବ ଜ୍ଞାନ। ଅଧ୍ୟାତ୍ମ ବିଦ୍ୟା ଶ୍ରେଷ୍ଠ ବିଦ୍ୟା ବୋଲି ଭଗବାନ କହିଛନ୍ତି। ଆଧ୍ୟାତ୍ମିକ ବିଚାର ହେଉଛି ଦେହ ମନର ଉର୍ଦ୍ଧ୍ୱରେ ଅତ୍ୟନ୍ତ ଉଚ୍ଚତର ବିଜ୍ଞାନ। ଏହା ଆତ୍ମା ସମ୍ବନ୍ଧୀୟ ଜ୍ଞାନ। ଆତ୍ମା ଅଜର ଅମର ଶାଶ୍ୱତ ସନାତନ। ଶରୀର, ମନ, ବୁଦ୍ଧି ଚିତ୍ତ ଆଦି ଜଡ଼ ବସ୍ତୁ। ଥରେ ଆତ୍ମ ଚେତନାରେ ମଜ୍ଜିଗଲେ ଶରୀର ମନର ପୀଡ଼ା ତୁଚ୍ଛ ଓ ମିଥ୍ୟା ବୋଲି ପ୍ରତୟ ହେବ। ତେଣୁ ବେଦାନ୍ତ ଦର୍ଶନ ଅନୁସାରେ ଶରୀର, ମନର ଉର୍ଦ୍ଧ୍ୱକୁ ଯାଇ ବିଚାର କଲେ ରାଗ ଶୋକରେ ଅତୀତ ଆତ୍ମ ଚେତନା ପ୍ରକାଶିତ ହେବ। ଆତ୍ମଚେତନାରେ ରୋଗ ଶୋକ ଦୁଃଖ ଆଦି ବିକାରର ସ୍ଥାନ ନାହିଁ। ଭାବନାର ଗଭୀରତାରେ ଏହି ବୋଧ ଦୃଢ଼ ହୋଇଯିବା ଅନୁଭବ ହେବ। ମୁଁ ଏହି ଜଡ଼ ଶରୀର କିମ୍ବା ମନ ନୁହେଁ ମୁଁ ଚିର ଶାଶ୍ୱତ ରୋଗ, ଶୋକ ରହିତ ଅଜର ଅମର ଆତ୍ମା। ଏହି ବିଚାର ସୁସ୍ଥ ଜୀବନର ଶ୍ରେଷ୍ଠ ଅବଲମ୍ବନ। ଏହି ସାଧନା ସମସ୍ତଙ୍କର ଧେୟ ହେଉ। ଆମେ ଅନ୍ତର ଭରି ଉଦ୍ୟମ କଲେ ଏହି ଆତ୍ମିକ ଚେତନାରେ ଉପନୀତ ହୋଇପାରିବା। ଆତ୍ମ ଚେତନାର ରାଜ୍ୟ ହେଉଛି ନିତ୍ୟାନନ୍ଦମୟ ରାଜ୍ୟ।

**ହେମନ୍ତ କୁମାର ପରିଡ଼ା**, ମାଳତୀକୁଞ୍ଜ, ପ୍ଲଟନଂ୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬/୮୯୧୭୬୭୮୧୫୯

## ଆଜିର ଅନୁଚିନ୍ତା

*ଭଗବତ୍ ସୃଷ୍ଟ ପଦାର୍ଥକୁ ଦାନ କରି ଦାତା ବୋଲାଇବା ହାସ୍ୟାସ୍ପଦ କଥା ନୁହେଁ କି ?*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଓଡ଼ିଶାରେ ସମ୍ବାଦପତ୍ରର ପ୍ରକାଶନ ଧାରା

**ରବି ରଥ**

ଓଡ଼ିଶାରେ ପ୍ରଥମେ ୧୮୬୬ ମସିହାରେ ଆନୁଷ୍ଠାନିକ ଭାବେ 'ଉତ୍କଳ ଦୀପିକା' ନାମରେ ଏକ ଓଡ଼ିଆ ସମ୍ବାଦପତ୍ର ପ୍ରକାଶ ପାଇଥିଲା । ସେଇ ବର୍ଷଟି ଥିଲା ଓଡ଼ିଶା ପାଇଁ ଏକ ଦୁଃଖଦ ବର୍ଷ । ସେତେବେଳେ ଓଡ଼ିଶା ବୋଲି କୌଣସି ସ୍ୱତନ୍ତ୍ର ରାଜ୍ୟ ବା ପ୍ରଦେଶ ନଥିଲା । ଓଡ଼ିଶା କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଗଠିତ ଓଡ଼ିଶା ଡିଭିଜନ୍‌କୁ ବୁଝାଉଥିଲା । ସମ୍ବଲପୁର ଜିଲ୍ଲା ତତ୍‌କାଳୀନ 'ସେଣ୍ଟ୍ରାଲ ପ୍ରଭିନ୍ସ'ର ଅନ୍ତର୍ଭୁକ୍ତ ଥିଲାବେଳେ ଗଂଜାମ ଜିଲ୍ଲା ମାଡ୍ରାସ୍ ପ୍ରେସିଡ଼େନ୍ସି ଅଧୀନରେ ରହିଥିଲା । ଓଡ଼ିଆ ଭାଷାଭାଷୀମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଭାରତବର୍ଷର ବିଭିନ୍ନ ସ୍ଥାନରେ ସଂଖ୍ୟାଲଘୁ ବାସିନ୍ଦା ଭାବରେ ବସବାସ କରୁଥିଲେ । ସେମାନଙ୍କୁ ଏକାଠି କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ କୌଣସି ଉଦ୍ୟମ ସେ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନଥିଲା । ୧୮୬୬ ମସିହାରେ ଘଟିଥିବା 'ନ'ଅଙ୍କ ଦୁର୍ଭିକ୍ଷ'ରେ ପ୍ରାୟ ଦଶଲକ୍ଷ ଲୋକ ପ୍ରାଣ ହରାଇଥିବା କଥା ଏକ ଆକଳନରୁ ଜଣାପଡ଼ିଥିଲା ।

'ଉତ୍କଳ ଦୀପିକା' ପ୍ରକାଶନର ପୃଷ୍ଠଭୂମି ସମ୍ପର୍କରେ ଜଣାପଡ଼େ ଯେ, ସେତେବେଳର କମିଶନର ଥିବା ଇଂରେଜ ସାହେବ ଟି.ଇ. ରେଭେନ୍ସା, ତାଙ୍କ ଶିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କୁ ଗୋଟିଏ ପ୍ରେସ୍ ବସାଇବାକୁ ଉତ୍ସାହିତ କରିଥିଲେ । ରେଭେନ୍ସା ସାହେବଙ୍କ ପ୍ରେରଣାରେ କଟକ ସହରରେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କରାଯାଇ ସେଠାରେ ଉତ୍କଳ ଦୀପିକା ଛପା ଯାଇଥିଲା । ଉତ୍କଳଦୀପିକା ଦୀର୍ଘ ୭୦ ବର୍ଷ କାଳ ବଞ୍ଚି ରହିଥିଲା । ଏହି ସମୟ ମଧ୍ୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତିର ନିଖୁଣ ଚିତ୍ର ପ୍ରଦାନ କରି ଏହି ସମ୍ବାଦପତ୍ର ନିଜ ନାମର ସାର୍ଥକତା ପ୍ରମାଣ କରିଥିଲା । ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଉତ୍କଳ ଦୀପିକା ସହିତ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ ପ୍ରମୁଖ ବିଭିନ୍ନ ଭାବରେ ସଂପୃକ୍ତ ଥିଲେ । ଉତ୍କଳ ଦୀପିକା ପ୍ରକାଶ ପାଇବା ପୂର୍ବରୁ ୧୮୩୭ ମସିହାରେ ଖ୍ରୀଷ୍ଟିଆନ୍ ମିଶନାରୀମାନେ କଟକଠାରେ 'କଟକ ମିଶନ୍ ପ୍ରେସ୍' ନାମରେ ଗୋଟିଏ ପ୍ରେସ୍ ସ୍ଥାପନା କରିଥିଲେ । ମୁଖ୍ୟତଃ ଧର୍ମପ୍ରଚାର ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଥିଲା । ବଙ୍ଗଳାର ଶ୍ରୀରାମପୁରରୁ ଓଡ଼ିଆ ଅକ୍ଷର ଆଣି ରେଭରେଣ୍ଡ ଲେସିଙ୍କ ସମ୍ପାଦନାରେ ସେ ହାତଚାଳିତ ମେସିନ୍‌ରୁ ୧୮୪୯ ମସିହାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ସେଠାରୁ ପ୍ରକାଶ ପାଇଥିଲା। ମାତ୍ର ଅଳ୍ପଦିନ ପରେ ତାହା ବନ୍ଦ ହୋଇଯାଇଥିଲା । ଏହାର ସାତବର୍ଷ ପରେ ୧୮୫୬ ମସିହାରେ ସେଠାରେ 'ପ୍ରବୋଧ ଚନ୍ଦ୍ରିକା' ଓ ୧୮୬୧ ମସିହାରେ 'ଅରୁଣୋଦୟ' ନାମରେ ଦୁଇଟି ପତ୍ରିକା ମିଶନାରୀମାନେ ପ୍ରକାଶ କରିଥିଲେ । ଏ ଦୁଇଟି ପତ୍ରିକାରେ ଧର୍ମ ସମ୍ପର୍କୀୟ ବିଷୟବସ୍ତୁ ସହିତ ଇଂରେଜ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଜନସାଧାରଣଙ୍କ ସାଧାରଣ ସମସ୍ୟା ସଂପର୍କରେ ଲେଖାମାନ ପ୍ରକାଶ ପାଉଥିଲା ।

ମିଶନାରୀମାନଙ୍କର ଏପରି ଉଦ୍ୟମର ବହୁ ପୂର୍ବରୁ ମରହଟ୍ଟା ଶାସନ ସମୟରୁ ଓଡ଼ିଆ ଭାଷାରେ ଯେଉଁ କେତେକ ହାତଲେଖା ପତ୍ରିକା ପ୍ରକାଶ ପାଉଥିଲା, ସେଥିମଧ୍ୟରୁ 'କୁଜୀବରପତ୍ର' ଅନ୍ୟତମ । କଟକ ଜିଲ୍ଲାର ଚୌଦ୍ୱାର ନିକଟବର୍ତ୍ତୀ କୁଜୀବର ଗ୍ରାମର ମହନ୍ତ ସାଧୁସୁନ୍ଦର ଦାସ ଏହି ପତ୍ରିକା ପ୍ରକାଶ କରିଥିଲେ । ତାଳପତ୍ର ଓ କାଗଜରେ ହାତରେ ସୁନ୍ଦର ଅକ୍ଷରରେ ପ୍ରକାଶ ପାଉଥିବା ଏହି ପତ୍ରିକା ବହୁ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ସେ ସମୟରେ କୁଜୀବରପତ୍ର ବେଶ୍ ପ୍ରଭାବଶାଳୀ ଥିଲା । ଏଥିରେ ମୁଖ୍ୟତଃ ଧର୍ମ, ସାହିତ୍ୟ, ନୃତ୍ୟ, ସଂଗୀତ ଓ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା ସ୍ଥାନ ପାଉଥିଲା ଓ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏହା ପଠାଯାଉଥିଲା । ସେତେବେଳେ ଇଂରାଜୀ କିମ୍ବା ଓଡ଼ିଆରେ ଅନ୍ୟ କୌଣସି ପତ୍ରପତ୍ରିକା ପ୍ରକାଶ ପାଉନଥିବାରୁ କୁଜୀବରପତ୍ର ରାଜା, ମହାରାଜା, ଜମିଦାରଙ୍କ ସମେତ ଯୁବ ସମାଜକୁ ବିଶେଷ ଆକୃଷ୍ଟ କରୁଥିଲା । ଇଂରେଜ ସରକାରଙ୍କ ସମ୍ପର୍କରେ ସମାଲୋଚନାମୂଳକ କେତେକ ତଥ୍ୟ ଏଥିରେ ପ୍ରକାଶ ପାଇଥିବା ଯୋଗୁଁ ପତ୍ରିକାର ସଂପାଦକ ସାଧୁସୁନ୍ଦର ଦାସଙ୍କୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିଥିଲା । ସେ ସମୟରେ ଓଡ଼ିଶାରେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକର ମୁଖ୍ୟତଃ ଚାରୋଟି ମୁଖ୍ୟ ଲକ୍ଷ୍ୟ ଥିଲା । ସେଗୁଡ଼ିକ ହେଲା ୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ୨. ଓଡ଼ିଆ ଭାଷାଭାଷୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରି ନୂତନ ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟାରେ ସହଯୋଗ, ୩. ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିବା ଓ ୪. ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିକାଶର ଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବା । ସେହି ସମୟରେ ୧୮୭୧ ମସିହାରେ 'କଟକ କ୍ରାନିକାଲ', ୧୮୭୩-୭୪ରେ 'ଉତ୍କଳ ଦର୍ପଣ', 'ଉତ୍କଳପତ୍ର ବିଦେଶୀ', 'ଶିକ୍ଷକ', 'ଧର୍ମବୋଧିନୀ', 'ଉତ୍କଳ ସଂସ୍କାରକ' ଓ 'ଚନ୍ଦ୍ରିକା', ୧୮୭୭ରେ 'ଉତ୍କଳ ମଧୁପ', 'ସ୍ୱଦେଶୀ', 'ବାର୍ତ୍ତା ଲହରୀ', ୧୮୮୦ରେ 'କୋହିନୂର' ଓ 'ପୁରୁଷୋତ୍ତମ', ୧୮୮୧ରେ 'ମୟୂରଭଂଜ ଦୋଭାଷୀ ପତ୍ରିକା', ୧୮୮୨ରେ 'ପ୍ରଜାବନ୍ଧୁ', ୧୮୮୩-୮୪ରେ 'ଧୂମକେତୁ', 'ସେବକ', 'ସଂସ୍କାରକ' ଓ 'ତାରକା', ୧୮୮୫ରେ 'ପ୍ରଦୀପ', 'ଶିକ୍ଷାବନ୍ଧୁ', ଓ 'ହରିଭକ୍ତି', ୧୮୮୬ରେ 'ଓଡ଼ିଶା ଷ୍ଟୁଡ଼େଣ୍ଟସ୍' (ଇଂରାଜୀ) ଓ 'ନବଭାରତ', ୧୮୮୭ରେ 'ଓଡ଼ିଆ', 'ସାମ୍ୟବାଦ' ଓ 'ଉତ୍କଳ ସେବକ', ୧୮୮୮ରେ 'ଓଡ଼ିଆ ପେଟ୍ରିଅଟ', ୧୮୮୯ରେ 'ଦୀପକ' ଓ 'ସମ୍ବଲପୁର ହିତୈଷିଣୀ', ୧୮୯୧ରେ 'ଉତ୍କଳ ପ୍ରଭା', ୧୮୯୨ରେ 'ଆଶା', ୧୮୯୩ରେ 'ଇନ୍ଦ୍ରଧନୁ', 'ବିଜୁଳି' ଓ 'ଭକ୍ତିତତ୍ତ୍ୱ', ୧୮୯୪ରେ 'ଉତ୍କଳ ଚିକିତ୍ସକ', ଓ 'ବ୍ରହ୍ମ', ୧୮୯୬ରେ 'ଉତ୍କଳବନ୍ଧୁ', 'ପ୍ରଭାତିତାରା' ଓ 'ଗଂଜାମ ନିଉଜ୍' (ଇଂରାଜୀ), ୧୮୯୭ରେ 'ଉତ୍କଳ ସାହିତ୍ୟ', ୧୮୯୯ରେ 'ଗଂଜାମ ହିତବାଦିନୀ', ୧୯୦୦ରେ 'ଆଲୋଚନା', ୧୯୦୩ରେ 'ନୀଳାଚଳ ସମାଚାର', ୧୯୦୫ରେ 'ମୁକୁର', ୧୯୦୯ରେ 'ଷ୍ଟାର୍ ଅଫ୍ ଉତ୍କଳ' ଓ ୧୯୧୦ରେ 'ଦି ଓଡ଼ିଆ' (ଇଂରାଜୀ) ପ୍ରକାଶ ପାଇଥିଲା ।

ଏହାର ପରବର୍ତ୍ତୀ ସମୟରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହ ଭାବରେ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରଥମେ ସାପ୍ତାହିକ ପତ୍ରିକା ଭାବରେ 'ସମାଜ' ପ୍ରକାଶ କରିଥିଲେ । ପ୍ରଥମେ ସତ୍ୟବାଦୀ ଏବଂ ପୁରୀରୁ ଏହା ପ୍ରକାଶିତ ହୋଇ ପରେ ଏହା କଟକକୁ ସ୍ଥାନାନ୍ତରିତ ହୋଇଥିଲା । କଟକ ସହରର ନିମ୍‌ଚଉଡ଼ି ଅଞ୍ଚଳରୁ ଏହା ପ୍ରକାଶ ପାଉଥିଲା । ପ୍ରତିଷ୍ଠାତା ଗୋପବନ୍ଧୁ ଏହାର ସମ୍ପାଦକ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଲିଙ୍ଗରାଜ ମିଶ୍ର, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ପ୍ରମୁଖ ଏହାର ସମ୍ପାଦନା କରୁଥିଲେ । ୧୯୧୯ ମସିହାରେ ଗୋପବନ୍ଧୁଙ୍କ ପରାମର୍ଶ କ୍ରମେ ସରକାରୀ ଚାକିରିରୁ ଇସ୍ତଫା ଦେଇ ରାଧାନାଥ ରଥ ଏହାର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ସମୟରେ 'ସମାଜ'ର ସମ୍ପାଦକ ହୋଇ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କର୍ତ୍ତବ୍ୟ ନିର୍ବାହ କରିଥିଲେ । ୧୯୩୦ ମସିହା ଅପ୍ରେଲ ୬ ତାରିଖରୁ ସମାଜର ଦୈନିକ ସଂସ୍କରଣ ପ୍ରକାଶ ପାଇଲା । ଦୈନିକ ସମାଜ ପ୍ରକାଶ ପାଇବା ପୂର୍ବରୁ ୧୯୨୮ ମସିହାରେ ଶଶିଭୂଷଣ ରଥଙ୍କ ସମ୍ପାଦନାରେ ଦୈନିକ 'ଆଶା' ଆତ୍ମପ୍ରକାଶ କରିଥିଲା । ଓଡ଼ିଶାରେ ମୁଦ୍ରଣ ହୋଇଥିବା ଦୈନିକ ସମ୍ବାଦପତ୍ର ମଧ୍ୟରେ 'ଆଶା'କୁ ପ୍ରଥମ ଦୈନିକ ଭାବରେ ବିଚାର କରାଯାଏ । ଦୈନିକ ଭାବରେ ପ୍ରକାଶ ପାଇବା ପୂର୍ବରୁ ୧୯୧୩ ମସିହାରେ ଏହା ସାପ୍ତାହିକ ଭାବରେ ପ୍ରକାଶିତ ହୋଇଥିଲା । ଓଡ଼ିଶାର ବିଶିଷ୍ଟ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବ ୧୯୨୩ ମସିହାରେ ସାପ୍ତାହିକ 'ପ୍ରଜାତନ୍ତ୍ର' ପତ୍ରିକା ପ୍ରକାଶ କରିଥିଲେ। ପ୍ରଥମେ ଏହା କଟକରେ ବ୍ରଜସୁନ୍ଦର ଦାସଙ୍କ ମୁକୁର ପ୍ରେସ୍‌ରେ ଛପା ଯାଉଥିଲା । ଜାତୀୟ କବି ବୀରକିଶୋର ଦାସ ଏହାର ମୁଦ୍ରାକର ଓ ପ୍ରକାଶକ ଥିଲେ । ୧୯୩୦ ମସିହାରେ ଅଳ୍ପ ସମୟ ପାଇଁ ପ୍ରଜାତନ୍ତ୍ର ଦୈନିକ ଆକାରରେ ପ୍ରକାଶ ପାଇଥିଲା । ମାତ୍ର ଡକ୍ଟର ମହତାବ ଇଂରେଜ ସରକାରଙ୍କ ବିରୋଧୀ ରାଜନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଯୋଗୁଁ ସରକାରୀ କୋପଦୃଷ୍ଟିରୁ ଏହା ବନ୍ଦ ହୋଇଯାଇଥିଲା । ଦେଶ ସ୍ୱାଧୀନତା ପାଇବାର ଏକ ସପ୍ତାହ ପୂର୍ବରୁ



୧୯୪୭ ମସିହା ଅଗଷ୍ଟ ୮ ତାରିଖରୁ ପ୍ରଜାତନ୍ତ୍ର ନିୟମିତ ଭାବରେ ପ୍ରକାଶ ପାଇଲା । ଡକ୍ଟର ମହତାବ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଏହାର ସମ୍ପାଦକ ରହିଥିଲେ । ମହୁରୀ ରାଜା କୃପାସିନ୍ଧୁ ନରେନ୍ଦ୍ରଦେବଙ୍କ ଉଦ୍ୟମରେ ତିନୋଟି ପତ୍ରିକା ମଧ୍ୟରୁ ପ୍ରଭାତ (ଦୈନିକ), ଶିଶିର (ମାସିକ) ଏବଂ ନବୀନ (ସାପ୍ତାହିକ) ଭାବେ ପ୍ରକାଶ ପାଉଥିଲା । କିଛିଦିନ ପରେ ପ୍ରଭାତ ଓ ଶିଶିରର ପ୍ରକାଶନ ବନ୍ଦ ହୋଇଯାଇଥିଲା । ତେବେ ନବୀନ ୧୯୩୦ରୁ ଅଦ୍ୟାବଧି ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ୯୩ ବର୍ଷରେ ପଦାର୍ପଣ କରିଛି । ସଂପ୍ରତି ରବି ରଥଙ୍କ ସଂପାଦନାରେ ଏହା ପ୍ରକାଶ ପାଇ ଆସୁଛି । ୧୯୬୧ ମସିହାରେ ବିଜୁ ପଟ୍ଟନାୟକ ଓଡ଼ିଶାର ଶାସନଭାର ହାତକୁ ନେବା ପରେ 'କଳିଙ୍ଗ'




ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ବିଶିଷ୍ଟ ସମାଜବାଦୀ ନେତା ମନମୋହନ ମିଶ୍ର ଏହାର ପ୍ରଥମ ସମ୍ପାଦକ ଥିଲେ ଓ ପରେ ପରେ ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦନା ଦାୟିତ୍ୱ ନେଇଥିଲେ । ଏହା ଦୀର୍ଘ ୧୧ ବର୍ଷ ଧରି ପ୍ରକାଶ ପାଇଥିଲା ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଜନକଲ୍ୟାଣ ପବ୍ଲିକେଶନ୍ ଗଠନ କରି ୧୯୬୬ ମସିହା ଅପ୍ରେଲ ୧୪ ତାରିଖରେ 'ଜନଶକ୍ତି' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଓଡ଼ିଶା ବିଧାନସଭାର ତତ୍‌କାଳୀନ ଉପବାଚସ୍ପତି ଲୋକନାଥ ମିଶ୍ର ଏହାର ପ୍ରଥମ ସମ୍ପାଦକ ଥିଲେ । ୧୯୬୭ ମସିହାରେ ଓଡ଼ିଶାରେ ସ୍ୱତନ୍ତ୍ର -ଜନକଂଗ୍ରେସ ସରକାର କ୍ଷମତାସୀନ ହେବା ପରେ ରାଜନୈତିକ କାରଣରୁ ଜନଶକ୍ତିର ସରକାରୀ ବିଜ୍ଞାପନକୁ ବନ୍ଦ କରିଦେବାରୁ ଏହାର ଅକାଳ ମୃତ୍ୟୁ ଘଟିଥିଲା ।

୧୯୭୨ ମସିହାରେ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ପିତା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ ସମାଜବାଦୀ ସୋସାଇଟି ଆନୁକୂଲ୍ୟରେ ୧୯୭୪ ମସିହା ନଭେମ୍ବର ୨୪ ତାରିଖରେ ଦୈନିକ 'ଧରିତ୍ରୀ' ଆତ୍ମପ୍ରକାଶ କଲା । ପ୍ରଥମେ ରାମନାଥ ପଣ୍ଡା ଏହାର ସମ୍ପାଦକ ହୋଇଥିଲେ । ସମ୍ପ୍ରତି ଶ୍ରୀମତୀ ଶତପଥୀଙ୍କ ପୁତ୍ର ତଥାଗତ ଶତପଥୀ ଏହାର ସମ୍ପାଦକ ରହିଛନ୍ତି । ଏହି ସମୟରେ ଗଣତନ୍ତ୍ର ପରିଷଦ ପକ୍ଷରୁ 'ଗଣତନ୍ତ୍ର' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ ପାଇଥିଲା ଓ ଏହାର ପ୍ରତିଷ୍ଠାତା ରାଜେନ୍ଦ୍ର ନାରାୟଣ ସିଂଦେଓ, ପରେ ଏହା 'ସ୍ୱରାଜ୍ୟ'ରେ ରୂପାନ୍ତରିତ ହୋଇଥିଲା । ଏହାପୂର୍ବରୁ ୧୯୫୧ ମସିହାରେ ବାଳକୃଷ୍ଣ କରଙ୍କ ସମ୍ପାଦନାରେ ଦୈନିକ 'ମାତୃଭୂମି' ପ୍ରକାଶ ପାଇଥିଲା । ତାଙ୍କ ବିୟୋଗ ପରେ ଗୌରଚନ୍ଦ୍ର ରାଉତ ଓ ତାଙ୍କ ପୁତ୍ର ବିଚିତ୍ରାନନ୍ଦ କର ମାତୃଭୂମିର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ । କିଛିଦିନ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଭୁଧେନ୍ଦ୍ର ମିଶ୍ର ଏହାର ସମ୍ପାଦକ ହୋଇଥିଲେ । କେତେକ କାରଣ ଯୋଗୁଁ ମାତୃଭୂମିର ପ୍ରକାଶନ ବନ୍ଦ ହୋଇଯାଇଥିଲା ।

୧୯୮୦ ମସିହାରେ ଓଡ଼ିଶାର ସମ୍ବାଦପତ୍ର ଇତିହାସରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା । ସାମ୍ବାଦିକତାରୁ ରାଜନୀତିକୁ ଆସି ମୁଖ୍ୟମନ୍ତ୍ରୀ ହୋଇଥିବା ଜାନକୀବଲ୍ଲଭ ପଟ୍ଟନାୟକ ସମ୍ବାଦପତ୍ରକୁ ଏକ ଶିଳ୍ପର ମାନ୍ୟତା ଦେଲେ । ଏହାଫଳରେ ସମ୍ବାଦପତ୍ର ପ୍ରକାଶ ନିମିତ୍ତ ଜମି, ଗୃହ, ଆନୁଷଙ୍ଗିକ ଋଣ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେଲା । ଦୀର୍ଘଦିନରୁ ବନ୍ଦ ହୋଇଥିବା ଶଶିଭୂଷଣ ରଥଙ୍କ ଆଶା 'ଦୈନିକଆଶା' ଭାବେ ୧୯୮୨ ଫେବୃଆରୀ ୧୦ ତାରିଖରେ ସ୍ୱର୍ଗତଃ ବୃନ୍ଦାବନ ନାୟକଙ୍କ ଦ୍ୱାରା ପୁନଃ ପ୍ରକାଶ ପାଇଲା। ଏହାର ସୁଯୋଗ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନେକ ସମ୍ବାଦପତ୍ର ପ୍ରକାଶ ପାଇଲା । ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍ ଆନୁକୂଲ୍ୟରେ ୧୯୮୪ ମସିହା ଅକ୍ଟୋବର ୪ ତାରିଖ, ବିଜୟା ଦଶମୀ ଦିନ ଆତ୍ମପ୍ରକାଶ କଲା ଦୈନିକ 'ସମ୍ବାଦ' । ପ୍ରଭାତୀ ସଂସ୍କରଣ ପ୍ରକାଶନରେ ଇଷ୍ଟର୍ଣ୍ଣ ମିଡ଼ିଆ ଏକ ଅଗ୍ରଣୀ ଭୂମିକା ଗ୍ରହଣ କଲା । ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସମ୍ବାଦର ପ୍ରଥମ ସମ୍ପାଦକ ଥିଲେ । ପରେ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଅଶୀ ଦଶନ୍ଧିରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିବା ଓ ପରବର୍ତ୍ତୀ ସମୟରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହୋଇଥିବା ବସନ୍ତ କୁମାର ବିଶ୍ୱାଳ ନବେ ଦଶନ୍ଧିରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ ନିମନ୍ତେ ଇଚ୍ଛା ପ୍ରକାଶ କରି ୧୯୯୬ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ତାକୁ କାର୍ଯ୍ୟକାରୀ କଲେ । ଆଶୀର୍ବାଦ ପବ୍ଲିକେଶନ୍ ପକ୍ଷରୁ ସେଦିନ ଦୈନିକ ସମ୍ବାଦପତ୍ର 'ସମୟ' ଜନ୍ମଲାଭ କଲା । ବିଶିଷ୍ଟ ପ୍ରଶାସକ ଓ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ସାତକଡ଼ି ହୋତା ଏହାର ମୁଖ୍ୟ ସମ୍ପାଦକ ରହିଛନ୍ତି ।

ତରୁଣ ତୁର୍କ ନେତା ଭାବରେ ପରିଚିତ ଥିବା ପ୍ରଦ୍ୟୁମ୍ନ ବଳ ୧୯୭୨ ମସିହାରେ ଝାଞ୍ଜିରିମଙ୍ଗଳା କଟକରୁ 'ପ୍ରଗତିବାଦୀ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ ଓ ପରବର୍ତ୍ତୀ ସମୟରେ ଏହା ଦୈନିକରେ ପରିଣତ ହୋଇଥିଲା । ୧୯୭୯ ମସିହାରୁ ଏହା ରାଜଧାନୀ ଭୁବନେଶ୍ୱରରୁ ପ୍ରକାଶ ପାଇ ଆସୁଛି । ଶ୍ରୀ ବଳ ଏହାର ପ୍ରତିଷ୍ଠାତା ସମ୍ପାଦକ ରହିଥିବା ବେଳେ ସାମ୍ବାଦିକ ରବି ଦାସ ପରିଚାଳନା ସମ୍ପାଦକ ଥିଲେ । ପରେ ପ୍ରଗତିବାଦୀରୁ ଅଲଗା ହୋଇଯାଇ ୧୯୯୯ ମସିହାରୁ ଦୈନିକ 'ପର୍ଯ୍ୟବେକ୍ଷକ' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ବ୍ରହ୍ମପୁର ସହରରୁ ୧୯୯୬ ମସିହାରେ ସ୍ୱର୍ଗତଃ କାଳି ଚରଣ ପଣ୍ଡାଙ୍କ ଉଦ୍ୟମରେ 'ଅନୁପମ ଭାରତ' ନାମରେ ଏକ ଦୈନିକ ସମ୍ବାଦପତ୍ର ଦୀର୍ଘଦିନ ହେଲା ପ୍ରକାଶିତ ହେଉଛି । ୨୦୧୦ରେ ସୁମା ରିଏଲ ମିଡିଆ ନାଁରେ ଦୈନିକ "ପ୍ରମେୟ', ୨୦୧୨ରେ ନିର୍ଭୟ ପବ୍ଲିକେସନ ନାମରେ ନବୀନ ଦାଶ ନାମରେ 'ନିର୍ଭୟ' ଓ ୧୫ ଅଗଷ୍ଟ ୨୦୧୫ରେ ଦୈନିକ ଏଜ ମିଡିଆ ଏଣ୍ଡ ପବ୍ଲିକେସନ ନାମରେ 'ନିତିଦିନ' ପ୍ରକାଶ ପାଇ ଆସୁଛି। ମସିହାରେ ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ସାପ୍ତାହିକ ସକାଳ ୨୦୨୦ରେ ଦୈନିକ ଆକାରରେ ପ୍ରକାଶିତ ହେଉଛି।

ଇତିମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରକାଶ ପାଇ ରାଜ୍ୟ ସରକାରଙ୍କ ସ୍ୱୀକୃତି ଲାଭ କରିଥିବା ଦୈନିକ ସମ୍ବାଦପତ୍ରର ସଂଖ୍ୟା ବୃଦ୍ଧି ପାଇ ୧୨୧ରେ ପହଞ୍ଚିଲାଣି । ମାତ୍ର ଏଗୁଡ଼ିକ ମଧ୍ୟରୁ ବାସ୍ତବରେ କେତେ ସମ୍ବାଦପତ୍ର ନିୟମିତ ଭାବରେ ପ୍ରକାଶିତ ହୁଏ, ତାହା ନିରୂପଣ କରିବା ସହଜସାଧ୍ୟ ନୁହେଁ । ୧୧୭ଟି ଦୈନିକ ସମ୍ବାଦପତ୍ରକୁ ବାଦ୍ ଦେଲେ ଓଡ଼ିଶାରୁ ପ୍ରାୟ ୫୦୦ ସାପ୍ତାହିକ, ପାକ୍ଷିକ ଓ ମାସିକ ପତ୍ରିକା ପ୍ରକାଶ ପାଉଥିବା ଜଣାପଡ଼ିଛି ।

ସମୟର ପରିବର୍ତ୍ତନ ସହିତ ସମ୍ବାଦପତ୍ରଗୁଡ଼ିକର ସଂଜ୍ଞା, ଲକ୍ଷ୍ୟ, ଆଦର୍ଶ ମଧ୍ୟ ବଦଳି ଗଲାଣି । ଆଗେ ଯେଉଁମାନେ ରାଜନୀତିରେ ଥିଲେ କିମ୍ବା ରାଜନୀତିକୁ ଆସିବା ପାଇଁ ଆଗ୍ରହୀ ଥିଲେ ସାଧାରଣତଃ ସେଇମାନେ ସମ୍ବାଦପତ୍ର ପ୍ରକାଶ ପାଇଁ ଅଗ୍ରସର ହେଉଥିଲେ । ମାତ୍ର ଏବେ କେତେକ ଦୁର୍ନୀତିଗ୍ରସ୍ତ ରାଜନେତା, ଅସାଧୁ ବ୍ୟବସାୟୀ, ଖଣି ଖାଦାନ ମାଲିକ, ବିଲଡ଼ର ଏହାକୁ ସେମାନଙ୍କ ବ୍ୟବସାୟର ମାଧ୍ୟମ ରୂପେ ବ୍ୟବହାର କରୁଛନ୍ତି । ଏଥିରେ ସେମାନଙ୍କର ଦୁଇଟି ଉଦ୍ଦେଶ୍ୟ ସାଧିତ ହେଉଛି । ପ୍ରଥମତଃ ସେମାନେ ସମ୍ବାଦପତ୍ର ମାଧ୍ୟମରେ ସେମାନଙ୍କ ବ୍ୟବସାୟର ସୁରକ୍ଷା କରିପାରୁଛନ୍ତି ଏବଂ ଦ୍ୱିତୀୟତଃ ଅସାଧୁ ଉପାୟରେ ଆୟ କରୁଥିବା 'କଳାଧନ'କୁ ଧଳା କରିବାରେ ସମ୍ବାଦପତ୍ରକୁ ଏକ ଆୟୁଧ ଭାବରେ ବ୍ୟବହାର କରୁଛନ୍ତି । ଏହାଫଳରେ ସମ୍ବାଦପତ୍ରର ସାଧୁତା ଉପରେ ସାଧାରଣ ଲୋକଙ୍କର ବିଶ୍ୱସନୀୟତା କ୍ରମେ କମି କମି ଯାଉଛି । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ପରିଚିତ ଗଣମାଧ୍ୟମର ଗରିମା ଓ ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହେଉଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା କଦାପି ଶୁଭଙ୍କର ହୋଇ ନପାରେ ।

*–ସମ୍ପାଦକ, 'ନବୀନ', ନବୀନ ଭବନ, ବ୍ରହ୍ମପୁର-୭୬୦୦୧୦, ମୋ-୯୮୬୧୦ ୧୩୭୮୦*






# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

ଡାକ୍ତର ଅର୍ଚ୍ଚନା ମିଶ୍ର



ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃ□ିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈ□ରୀୟ ଆରଣ୍ୟକର ଯାଜ୍ଞିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହରପ୍ପାର ପ୍ରତ୍ନତା□ିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂ□ି, ଦେବୀ ମୂ□ି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ସାଧାରଣତଃ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ ଓ ସିଂହଭୂମକୁ ଉଡ୍ରଦେଶ ଭାବେ ବୁଝାଯାଉଥିଲା । ଗଞ୍ଜାମ, କୋରାପୁଟ ଓ ତତ୍କାଳୀନ ସୀମାନ୍ତବ□ୀ ବିଜୟନଗରମ୍ ଇତ୍ୟାଦି ଅଞ୍ଚଳକୁ କଳିଙ୍ଗ କୁହାଯାଉଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ଉତ୍କଳ କୁହାଯାଉଥିଲା । ଶକ୍ତି ସଙ୍ଗମ ତନ୍ତ୍ରରେ କଳିଙ୍ଗ ଓ ଉତ୍କଳର ନାମଲିପିବଦ୍ଧ ।

ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବ□ୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗାରୂପେ ଉପାସନା କରାଯାଇଥିଲା । ଯାହାପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବ□େ ଦ୍ୱିଭୂଜା, ଚର୍ତ୍ତୁଭୂଜା ଓ ଅଷ୍ଟଭୂଜା ପ୍ରଭୃତି ଦେବୀ ମୂ□ିଙ୍କର ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ଏଣୁ ଶବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାର ପ୍ରାଚୀନ ବନଦୁର୍ଗା ରୂପେ ପ୍ରଥମେ ଆର୍ବିଭୂତା ହୋଇଥିଲେ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଗ୍ରାମଦେବୀ ହିଁ ବନଦୁର୍ଗାଙ୍କ ସ୍ୱରୂପରେ ଉପାସିତା । ବୌଦ୍ଧ ସିଧାଚାର୍ଯ୍ୟମାନଙ୍କ ସାହିତ୍ୟରେ ଶବରସିଦ୍ଧାଚାର୍ଯ୍ୟ, ସରହପା ଓ ସରରୀପା ପ୍ରଭୃତି ନାମର ଉଲ୍ଲେଖ ରହିଛି । ସେ ସମୟରେ ବ୍ରାହ୍ମଣ୍ୟତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କର ଆବାହନା କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀଚଣ୍ଡୀ ମହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣତନ୍ତ୍ରର ସର୍ବପ୍ରାଚୀନ ମହୀଷାମର୍ଦ୍ଦିନୀ ଦୁର୍ଗା ରୂପେ ଯାଜପୁର ଠାରେ ବିରଜାଙ୍କର ଆର୍ବିଭାବ ହୋଇଥିଲା । ଓଡ଼ିଶାରେ ସର୍ବପ୍ରଥମ ଦ୍ୱିଭୂଜା ମହିଷାମର୍ଦ୍ଦିନୀ ଦୁର୍ଗାରୂପେ ବିରଜାଙ୍କୁ ଗ୍ରହଣ କରାଯାଏ ।

ଓଡ଼ିଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତଯୁଗର ଦଶମହାବିଦ୍ୟା ତ□ର ଅନୁକରଣରେ ଦୁର୍ଗାଙ୍କର ଦଶବିଧ ମୌଳିକ ରୂପକୁ ନେଇ ଶାକ୍ତମାନେ କୌଳାଚାର ମତ ପ୍ରବ□ନ କରିଥିଲେ । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ପୁବନ, ବର୍ଣ୍ଣ, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, କୀଳକ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବ□ିତ ହୋଇଥିଲା । ଏହା କୁଳ କୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା । ନାଦ, ବିନ୍ଦୁ ରୂପେ ଶିବ ଓ ଶକ୍ତିଙ୍କୁ ସାଧନାରେ ଉପଲବ୍ଧି କରି ସିଦ୍ଧି ଲାଭ କରାଯାଇଥାଏ । ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ମାତୃକା ରୂପେ ଗ୍ରହଣ କରି ବିଭିନ୍ନ ଚକ୍ରରେ ସେହି ଶକ୍ତିଙ୍କୁ ଜାଗ୍ରତ କରିବା ଦ୍ୱାରା କୁଣ୍ଡଳିନୀ ଶକ୍ତି ପ୍ରକାଶିତ ହୋଇଥାନ୍ତି । ଏହି କୌଳାଚାରପୂଜା ଦ୍ୱାରା ସମଗ୍ର ବିଶ୍ୱକୁ ଶ୍ରୀ ଚକ୍ର ମଧ୍ୟରେ ଅନୁଭବ କରାଯାଏ । ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂ□ିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀ□ିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତିରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ସେତେବେଳକୁ ଯାଜପୁରର ବିରଜା ଓ ପୁରୀର ବିମଳା ମୁଖ୍ୟ ଶକ୍ତି ରୂପେ ଉପାସିତା ହୋଇସାରିଥିଲେ । କିନ୍ତୁ ଦୁର୍ଗାପୂଜାର କ୍ରମବିକାଶରେ ଏହି ଭୌମକର ରାଜବଂଶର ଶକ୍ତି ଉପାସକ ରାଜା ଓ କେତେକ ରାଣୀମାନଙ୍କର ଅବଦାନ ଅବିସ୍ମରଣୀୟ ।

ସହକାରୀ ପ୍ରଫେସର, ଶରୀରତ□ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୪୯୭୯୯୯୦୬

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଟୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେ଼ଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେ଼ଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି


ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଫ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ□ା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ଚାଇଲ୍ଡ ଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ) : ଭାରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚାଇଲ୍ଡ ଲାଇନ ପକ୍ଷରୁ ଗରାପୁରସ୍ଥିତ ରେସ୍‌ୱା ସ୍ୱାଧାରେ ଗୃହ ପରିସରରେ 'ଚାଇଲ୍ଡ ଲାଇନ ସେ ଦୋସ୍ତି' ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ 'ଭାରତ' ଅନୁଷ୍ଠାନ ଏବଂ ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ଉଦୟନାଥ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ରେସ୍‌ୱାର ସଦସ୍ୟ ଭୀମସେନ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ଏଥିରେ ଶିଶୁ ମଙ୍ଗଳ ସମିତିର ସମସ୍ତ ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାଉନସେଲର, ରେସ୍‌ୱାର କର୍ମକ□ା ଓ ଚାଇଲ୍ଡ ଲାଇନର କାର୍ଯ୍ୟକ□ାମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ 'ଚାଇଲ୍ଡ ଲାଇନ ସେ ଦୋସ୍ତି'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏଥିରେ ୫୦ଜଣ ଶିଶୁଙ୍କୁ ନେଇ ଝୋଟି, ବକ୍ତୃତା ଓ ରୋଲ ପ୍ଲେଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅବହେଳିତ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ପ୍ରତ୍ୟେକ ବର୍ଷ ଏକଲକ୍ଷରୁ ଅଧିକ ଶିଶୁ ବନ୍ଧୁ ସୃଷ୍ଟି କରିବା ସହିତ ଗୋଷ୍ଠି ସଚେତନତା ଓ ସହଭାଗିତା କରିବା ଏହାର ଉଦ୍ଦେଶ୍ୟ । ଶେଷରେ ଚାଇଲ୍ଡ ଲାଇନର ସଂଯୋଜିକା ବାଣୀପ୍ରିୟା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ମୀନତି ମହାରଣା, ମୀନାଲତା ନାୟକ, ସ୍ମୃତିରେଖା ଚୌଧୁରୀ, ସନ୍ଦିପ ସିଂ, ରିତା ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ ।




## ମୋବାଇଲ୍ ଲୁଟ୍ ଘଟଣାରେ ଖସିଲେ ୨, ଗିରଫ ହେଲେ ୨

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମର ପାର୍ଥସାରଥୀ ଦାଶଙ୍କ ମୋବାଇଲ୍ ଫୋନ୍‌କୁ କେତେକ ଦୁର୍ବୃତ୍ତ ଗତ ୧୦ ତାରିଖରେ ଖଣ୍ଡିତର ନିକଟ ଖରସ୍ରୋତା ବ୍ରିଜ୍‌ରେ ଛଡ଼ାଇ ନେଇଥିଲେ । ପାଣିକୋଇଲି ପଟୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସେ ଲୁଟ୍‌ର ଶିକାର ହୋଇଥିଲେ । ତେବେ ୧୧ ତାରିଖରେ ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଲୁଟେରାମାନଙ୍କୁ ଦେଖି ପାର୍ଥସାରଥୀ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଜଣଙ୍କୁ କାବୁ କରି ନେଇଥିଲେ । ଅନ୍ୟମାନେ ଫେରାର୍ ହୋଇ ଯାଇଥିଲେ । ପରେ ସଂପୃକ୍ତ ଲୁଟେରାକୁ ଲୋକେ ପୁଲିସ୍ ଜିମା ଦେଇଥିଲେ । ଲୁଟେରାର ସୂଚନା ଆଧାରରେ ପୁଲିସ୍ ଏଥିରେ ସଂପୃକ୍ତ ଥିବା ଅନ୍ୟ ତିନିଜଣ ସହଯୋଗୀଙ୍କୁ ଥାନାକୁ ଉଠାଇ ଆଣିଥିଲା । ଅଟକ ଚାରିଜଣଙ୍କ ମଧ୍ୟରୁ ସ୍ଥାନୀୟ ଅଂଚଳର ଦୁଇଜଣ ଯୁବକଙ୍କୁ ପୁଲିସ୍ ଗତକାଲି ଛାଡ଼ି ଦେଇଥିବା ବେଳେ ଅନ୍ୟ ୨ ଜଣଙ୍କୁ ଗିରଫ କରି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି । ଏହି ଲୁଟେରା ଦଳ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ପାଣିକୋଇଲି ମଧ୍ୟରେ ସୁନାଚେନ୍ ଓ ମୋବାଇଲ୍ ଲୁଟ୍ ଏବଂ ଗୋରୁ ଗାଡ଼ିରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହେଉଥିଲା ।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ କମାଗଡା ଗ୍ରାମର ଜଣେ ମହିଳାଙ୍କୁ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ସାମାନ୍ୟ ବଚସାକୁ କେନ୍ଦ୍ର କରି କମାଗଡ ଗ୍ରାମର ସାବିତ୍ରୀ ମଲିକ (୪୦)ଙ୍କୁ ପଡୋଶୀ ଅଂଟିଆ ଗ୍ରାମର ରଂଜନ ପ୍ରଧାନ (୨୦) ଠେଙ୍ଗାରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ । ଫଳରେ ସେ ଗୁରୁତର ଆହତ ହେବାରୁ ପରିବାର ଲୋକେ ତାଙ୍କୁ ଗଡମଧୁପୁର ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ଏନେଇ ଆହତ ସାବିତ୍ରୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକ୍ରମେ ଜେନାପୁର ପୁଲିସ ୩୨୦/୨୨ରେ ଏକ କେଶ ରୁଜୁ କରି ଅଭିଯୁକ୍ତ ରଂଜନ ପ୍ରଧାନକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ୧୧ତମ ଦିନରେ ବାରିପଦା ସହର ପରିକ୍ରମା କଲା



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା'ର ଯାତ୍ରୀ, ବରିଷ୍ଠ କଂଗ୍ରେସ ନେତା, ମୟୁରଭଂଜ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀ ଏବଂ ମୟୁରଭଂଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପାଲବଣିଠାରୁ ପ୍ରଭାତରେ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶାର ୧୧ତମ ଦିନର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କର ଆୟୋଜନକ୍ରମେ ସମସ୍ତ ଯାତ୍ରୀ ବାରିପଦା ସହରସାରା ପରିକ୍ରମା କରିଥିଲେ । ଏହାପରେ ବିଶୋଇ ବଜାର ମଧ୍ୟ ପରିକ୍ରମ କଲେ । ମୁର୍ଗାବାଡ଼ିଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ସଂଧ୍ୟାରେ ଭାରତ ଯୋଡ଼ ଯାତ୍ରା- ଓଡ଼ିଶା ରାଇରଙ୍ଗପୁର ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବହୁ ଆଦିବାସୀ ଓ ଦଳିତ ପରିବାର ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମିଶି ଜିଲ୍ଲାର ଅବସ୍ଥା ସଂପର୍କରେ ସିଧାସଳଖ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନବୀନ ଓ ମୋଦି ସରକାର ଅପରାହ୍ନର ନିକଟବର୍ତି, ଆଗାମୀ ସକାଳ କଂଗ୍ରେସର । ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ୨୨ବର୍ଷର କଳଙ୍କିତ ଶାସନକୁ ଉତ୍ପାଟନ କରିବ । ନବୀନ ସରକାର ନିଜ ଶାସନକାଳ ଭିତରେ ଓଡ଼ିଶାବାସୀଙ୍କ ପ୍ରତି ଯେଉଁ ବିଶ୍ୱାସଘାତକତା କରିଛନ୍ତି, ଆଗାମୀ ପୀଢ଼ିର ଲୋକେ ତାଙ୍କୁ ଜଣେ ଜନସ୍ୱାର୍ଥବିରୋଧୀ, ବିଫଳ, ଉତ୍ପୀଡ଼କ ଶାସକ ଭାବରେ ଚିତ୍ରଣ କରିବେ । ସେ ଓଡ଼ିଶାର ଗାଁ ଗଣ୍ଡା ବୁଲି ନାହାନ୍ତି । ଓଡ଼ିଶାର ମାଟି, ପାଣି, ପବନ ସଂପର୍କରେ ତାଙ୍କର କିଛି ଧାରଣା ହିଁ ନାହିଁ । ୨୨ ବର୍ଷର ନବୀନ ସରକାର କେବଳ ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା, ଲୁଣ୍ଠନକୁ ପ୍ରୋତ୍ସାହନ ଦେଇଛି । ସାଧାରଣ ଜନତା ନବୀନ ସରକାରକୁ ଏକ ପିସି ସରକାର ବୋଲି କହୁଛନ୍ତି । ମୁଖ୍ୟମନ୍ତ୍ରୀ ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି, ନିର୍ଯ୍ୟାତିତା ମହିଳାଙ୍କୁ ନ୍ୟାୟ ଦେଇନାହାନ୍ତି, ବଳାତ୍କାରୀଙ୍କୁ ଦଣ୍ଡ ଦେଇପାରିନାହାନ୍ତି, ଦୁର୍ନୀତିଖୋରକୁ ଦଣ୍ଡ ଦେଇନାହାନ୍ତି; ମାତ୍ର କେତେକ ଅନୁଷ୍ଠାନଠାରୁ ଏକନମ୍ବର ମୁଖ୍ୟମନ୍ତ୍ରୀ ଏବଂ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇ ଖୁସି ହୋଇଯାଇଛନ୍ତି । ଏଠାରେ ଚାଷୀ ଆତ୍ମହତ୍ୟା, ଧାନର ଅଭାବିବିକ୍ରୀ, ଜଳସେଚନ ବଢ଼ାଇବା କ୍ଷେତ୍ରରେ ବିଫଳତା, ଓଡ଼ିଶାର ଚାଷୀ ଦେଶର ସମସ୍ତ ରାଜ୍ୟର ଚାଷୀଠାରୁ ଗରିବ ବୋଲି ଅପବାଦ ମୁଣ୍ଡାଇବା ପରେ ନବୀନ ସରକାର ଓଡ଼ିଶାର କୃଷିର ବିକାଶ ହୋଇଛି ବୋଲି ଡିଣ୍ଡିମ ପିଟୁଛନ୍ତି ।

ମୋଦିଙ୍କ ସ୍ୱପ୍ନ ଯାହା ଥିଲା, ତାହା ଆଜି ବାସ୍ତବରୂପ ନେଇଛି । ସେହି ବାସ୍ତବ ରୂପର ଚିତ୍ର କ'ଣ ତାହା ଆଜି ଭାରତବର୍ଷ ଦେଖୁଛି । ବିଶ୍ୱଖାଦ୍ୟ ସୂଚକାଙ୍କ ଅନୁସାରେ ଭାରତ ଏକ ଭୋକିଲା ଦେଶ, ଭାରତର ଲୋକଙ୍କଠାରୁ ଡଂଟିଚିପି ଟିକସ ଆଦାୟ କରାଯାଉଛି, ମହଙ୍ଗା ମାଡ଼ରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି- ଏ ହେଉଛି ମୋଦିଙ୍କ ଆଚ୍ଛା ଦିନ । ମୋଦି ବର୍ଷକୁ ୨କୋଟି ନିଯୁକ୍ତି ଦେବାକଥା କହିଥିଲେ । ଆଜି କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ୧୦ଲକ୍ଷ ଚାକିରି ଖାଲିପଡ଼ିଛି । କରୋନା ପୂର୍ବରୁ ଦେଶର ବେକାରୀ ସଂଖ୍ୟା ୪୫ ବର୍ଷର ରେକର୍ଡ ଭାଙ୍ଗିଥିଲା । କେବଳ ଭାରତବାସୀଙ୍କୁ ଭୁଆଁ ବୁଲାଯାଉଛି । 'ବିକାଶ' ବିଜେପି ନେତାଙ୍କ ମୁହଁରେ ଏକ ରୋମାଟଂକର ଶବ୍ଦ ମାତ୍ର । ଶାସନ କ୍ଷେତ୍ରରେ ଏ ଶବ୍ଦର ମୂଲ୍ୟ କିଛି ନାହିଁ । ମୋଦି ୨୦୧୪ ରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ ଗୋଟିଏ ବି ପ୍ରତିଶ୍ରୁତି ଠିକ ଭାବେ ପାଳନ କରିପାରିଲେ ନାହିଁ । ସୁତରାଂ କଂଗ୍ରେସର ଭାରତ ଯୋଡ଼ ଯାତ୍ରା - ଓଡ଼ିଶାରେ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବାପାଇଁ ଅଭିପ୍ରେତ । କେନ୍ଦ୍ର ଓ ରାଜ୍ୟ ସରକାରକୃତ ଯନ୍ତ୍ରଣାରୁ ଏ ଦେଶବାସୀଙ୍କୁ ମୁକ୍ତିଦେବାପାଇଁ ମାନ୍ୟବର ରାହୁଲ ଗାନ୍ଧୀଜୀ ଯେଉଁ ଯାତ୍ରା ଆରମ୍ଭ କରିଛନ୍ତି, ତାହା ଏକାନ୍ତ ଅନୁସରଣୀୟ ଏବଂ ଅନ୍ଧକାରରୁ ମୁକ୍ତିପାଇଁ ଏକମାତ୍ର ରାସ୍ତା । ଯଶିପୁରଠାରୁ ଭାରତ ଯୋଡ଼ ଯାତ୍ରା- ଓଡ଼ିଶାର ୧୨ ତମ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୁଶିଳା ତିରିଆ, ଗଣେଶ୍ୱର ବେହେରା, ମାନସ ଚୌଧୁରୀ, ଭୁଜବଳ ମାଝୀ, ବନ୍ଦିତା ପରିଡ଼ା, ସରସ୍ୱତୀ ହେମ୍ବ୍ରମ, ପ୍ରଦୀପ ରଥ, ଅରବିନ୍ଦ ଦାସ, ଶ୍ୟାମସୁନ୍ଦର ହାଂସଦା, ନିରୋଜ ଲୋଚନ ଦାସ, ପ୍ରଭାସକର ମହାପାତ୍ର, ବିଜନ କୁମାର ଦାସ, ଅଶୋକ କୁମାର ଗିରି, ଜ୍ୟୋତି ପ୍ରକାଶ ରଥ, ବାଙ୍କନିଧି ବେହେରା, ଗୌରୀ ନାୟକ, ପ୍ରକାଶ ଜେନା, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଜ୍ଞାନରଂଜନ ପଟ୍ଟନାୟକ, ଅଜୟ ମହାପାତ୍ର, ସୁବ୍ରତ ମହାପାତ୍ର, ମହମ୍ମଦ ସାହାଦୁଲ୍ଲା, ସୁଶାନ୍ତ ତ୍ରିପାଠୀ, କୈଳାସ ସାହୁ, ବିରେଲ ସିଁକା, ସୁବାଷ ପାତ୍ର, ଦୀପକ କୁମାର ମହାପାତ୍ର, ବିଭୁତି ଭୂଷଣ ମହାପାତ୍ର, ନାରାୟଣ ମହାପାତ୍ର, ରାକେଶ ସିଂ, ମୋତିଲାଲ ଦାସ, ଅଂଶୁମାନ ଦାସ, ସୁସ୍ମିତା ଘୋଷାଲ, ଶାନ୍ତନୁ ପାଲ, ପ୍ରଦୀପ ମିଶ୍ର ଓ ବିଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଭାରତ ଯୋଡ଼ ଯାତ୍ରା -ଓଡ଼ିଶାର ମିଡ଼ିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

*—ଜାତୀୟ ପ୍ରେସ୍ ଦିବସରେ ପ୍ରଧାନମନ୍ତ୍ରୀଙ୍କୁ ଖୋଲା ଚିଠି—*

# ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ଉଦାସୀନ କାହିଁକି ?



***ସମ୍ମାନାସ୍ପଦ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ଦାସ ମୋଦୀଜୀ,*** ଦେଶର ସମସ୍ତଙ୍କର ପ୍ରିୟ ତଥା ଆଦରଣୀୟ ପ୍ରଧାନମନ୍ତ୍ରୀ ମହୋଦୟ । ମୋର ସହୃଦୟତାର ସହିତ ଭକ୍ତିପୂତ ପ୍ରଣାମ ଜଣାଉଅଛି । ନିମ୍ନଲିଖିତ ଯଥାର୍ଥ ଦାବିଗୁଡ଼ିକୁ ଯଥାର୍ଥତା ଭିତ୍ତିରେ ବିଚାରକରି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବା ସହିତ ରାଷ୍ଟ୍ରର ସାମ୍ବାଦିକମାନଙ୍କ ପାଇଁ ଏକ ଚମତ୍କାର ଝଲକ୍ ଦେଖାଇବେ ବୋଲି ଆମ୍ଭର ଆଶା ଓ ଭରସା ରହିଛି ।

ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ । ଏହା ଏକ ନୈତିକ ସିଦ୍ଧାନ୍ତ । ଏକ ମହତ୍ତ୍ୱର ସାମାଜିକ ଜୀବନର ଧାରା । ବ୍ୟକ୍ତିକୁ ସମାଜ ସହିତ, ସମାଜକୁ ରାଷ୍ଟ୍ର ସହିତ ଏକ ସାମୂହିକ ସଦ୍‌ଭାବନାରେ ସଂଯୁକ୍ତ କରିବାରେ ଗଣତନ୍ତ୍ରକୁ ନୀତି ନିର୍ଦ୍ଧାରକ ସୂତ୍ର ଭାବରେ ଗ୍ରହଣ କରାଯାଇଥାଏ । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଜନମଙ୍ଗଳ ରାଷ୍ଟ୍ରରେ ଜନଗଣଙ୍କ ସହିତ ଯୋଡ଼ିବାରେ ଗଣମାଧ୍ୟମ ହିଁ ସମଗ୍ର ବିଶ୍ୱ ପାଇଁ ବାସ୍ତବ କ୍ଷେତ୍ରରେ ଏକପ୍ରକାର ସେତୁ ଅଟନ୍ତି । ଏହି ସେତୁବନ୍ଧନ ସୁଦୃଢ଼ ତଥା ଅତୁଟ ରହିବାରେ ହିଁ ଗଣତନ୍ତ୍ରର ସଫଳତା । ସେଥିପାଇଁ ଗଣମାଧ୍ୟମକୁ ଅଭିହିତ କରାଯାଇଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ । ଚତୁର୍ଥ ସ୍ତମ୍ଭଟି କୌଣସି କାରଣରୁ ନିଜର ମୌଳିକ ଗୁଣବତ୍ତା ହରେଇ ଦୁର୍ବଳ ହୋଇଗଲେ ଗଣତନ୍ତ୍ରର ସ୍ଥିତି ବିପନ୍ନ ହୋଇ ପଡ଼ିବ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ଦୁଇ ପକ୍ଷ ଅର୍ଥାତ୍ ସରକାର-ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ସଂଯୋଜକର ଭୂମିକା ଗ୍ରହଣ କରେ । ମାତ୍ର ଏତତ୍‌ବ୍ୟତୀତ ଆମ ସାଧାରଣ ଜନଜୀବନରେ ସଂଘଟିତ ଘଟଣା ବହୁଳ-ଅଘଟଣ, ସୁଖ-ଦୁଃଖର ବର୍ଣ୍ଣନାତୀତ କାହାଣୀକୁ ନେଇ ମଧ୍ୟ ଲୋକଲୋଚନକୁ ଆଣି ଗଣମାଧ୍ୟମ ଏକ ପ୍ରଭାବଶାଳୀ ନେତୃତ୍ୱ, ଭୂମିକା ଗ୍ରହଣ କରିଛି ।

ମୋର ଆପଣଙ୍କଠାରେ ପ୍ରଶ୍ନ ହେଉଛି, ଆମ୍ଭର ରାଷ୍ଟ୍ରକୁ ଗଢ଼ିବା ନା ଭାଙ୍ଗିବା ? ଏକ ସୁସ୍ଥ ସମାଜ ଗଠନ ଦିଗରେ ନିଜର ଦାୟିତ୍ୱ ସମ୍ପାଦନ କରିବା ନା ଅସୁସ୍ଥତାର ସମସ୍ତ ଲକ୍ଷଣ, ବିଲକ୍ଷଣତାର ପ୍ରଚାର ପ୍ରସାର କରି ଜନମଙ୍ଗଳକାରୀ ସମାଜରେ କଳୁଷିତ ବାତାବରଣରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରିବା-କଣ ହେବ ଗଣମାଧ୍ୟମର ଭୂମିକା ? ଅବଶ୍ୟ ଗଢ଼ିବାକୁ ହେଲେ ଦୀର୍ଘମିଆଦି ସୂତ୍ର । ଭାଙ୍ଗିବାକୁ ହେଲେ ତତ୍‌କ୍ଷଣାତ୍ ହେବ । ଅସୁସ୍ଥତାର ଲକ୍ଷଣକୁ ଅଣଦେଖା କରି ସୁସ୍ଥତାର ବାହାନା କଲେ ଚଳିବ ନାହିଁ ।

ସାମ୍ବାଦିକତାକୁ ଆଧାରକରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସଫଳ ନେତୃତ୍ୱ ଗ୍ରହଣ କରିଥିବା ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି, ସମ୍ବାଦପତ୍ରର ତିନୋଟି ଲକ୍ଷ୍ୟ ରହିବା ଉଚିତ୍ । (୧) ପ୍ରକୃତ ଜନମତରେ ସଠିକ୍ ଅଧ୍ୟୟନ, (୨) ଦୁର୍ନୀତି ତଥା ସାମାଜିକ ଅବ୍ୟବସ୍ଥା ଇତ୍ୟାଦିର ନିର୍ଭୀକ ପରିବେଷ. (୩) ଗଠନମୂଳକ ଲେଖା ମାଧ୍ୟମରେ ଜନଜାଗରଣ ତଥା ଜନଆନ୍ଦୋଳନର ସୃଷ୍ଟି ।

ଅନେକ ଉଦାହରଣ ଇତିହାସରେ ଲିପିବଦ୍ଧ ଥିବାବେଳେ ଆପଣଙ୍କୁ ସଂକ୍ଷେପରେ ସୂଚାଇ ଦେବାକୁ ଉଚିତ୍ ମନେକରୁଛି । ଭାରତକୁ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା 'ଇଣ୍ଡିଆନ୍ ଓପିନିଅନ୍' । ଭାରତକୁ ଫେରିବା ପରେ ପ୍ରଥମେ ମାସିକ ଗୁଜରାଟୀ ପତ୍ରିକା 'ନବଜୀବନ' ପ୍ରକାଶନ ହାତକୁ ନେଇଥିଲେ । ଜନମଙ୍ଗଳ ପାଇଁ ଦୂରଦୃଷ୍ଟି ରଖି ଗାନ୍ଧିଜୀ ଓକିଲାତିକୁ ନିଜର ସତ୍‌ଚରିତ୍ରବାନ୍ ପେଶା କରିଥିଲେ ମଧ୍ୟ ସତ୍‌ପରିମାର୍ଜିତ ଭାବରେ ପର୍ଯ୍ୟବେଶିତ ନିଶା ଥିଲା ତାଙ୍କର ସାମ୍ବାଦିକତା । ଏବଂ ଏହାକୁ ସାପ୍ତାହିକ ସମ୍ବାଦପତ୍ର କଲେ । ଏହା ସହିତ ଇଂରାଜୀ ମାସିକ 'ୟଙ୍ଗ୍ ଇଣ୍ଡିଆ' ପ୍ରକାଶନ ଆରମ୍ଭ କରିଦେଲେ । ଏହା ପୂର୍ବରୁ 'ସତ୍ୟାଗ୍ରହ' ନାମରେ ଏକ ପତ୍ରିକା ସେତେବେଳର ସମୟରେ ସାଇକ୍ଲୋଷ୍ଟାଇଲ୍ କରାଇ ସ୍ୱାଧୀନତା ସଂଗ୍ରାମର ସତ୍ୟାଗ୍ରହୀମାନଙ୍କ ପାଖରେ ପହଞ୍ଚାଇବାର ସୁବ୍ୟବସ୍ଥା କରିଥିଲେ । ୧୯୩୦ରେ ଗାନ୍ଧିଜୀ ନିଜ ପତ୍ରିକାର ନାମ ବଦଳାଇ 'ହରିଜନ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କଲେ । ଗାନ୍ଧିଜୀଙ୍କ ବ୍ୟତୀତ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ଜନନେତାଙ୍କ ମଧ୍ୟରେ ଥିଲେ ଅନେକ ସାମ୍ବାଦିକ । ପଞ୍ଜାବକେଶରୀ ଲାଲା ଲଜପତ୍ ରାୟ, ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ, ଦେଶବନ୍ଧୁ ଚିତ୍ତରଞ୍ଜନ, ଯୋଗୀ ଶ୍ରୀ ଅରବିନ୍ଦ, ରାଜଗୋପାଳାଚାରୀ, ନେତାଜୀ ସୁଭାଷ ଚନ୍ଦ୍ର, ଉତ୍କଳମଣି ଗୋପବନ୍ଧୁ, ହରେକୃଷ୍ଣ ମହତାବ, ରାଧାନାଥ ରଥ ଓ ଅଟଳବିହାରୀ ବାଜପେୟୀ ପ୍ରଭୃତିଙ୍କ ନାମ ଆଜି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଅଟେ । ଦେଶବାସୀଙ୍କ ସ୍ମରଣକୁ ଆସେ ଏହିଭଳି ଯୋଗଜନ୍ମା ମହାପୁରୁଷଙ୍କ ନାମ, ଯେଉଁମାନଙ୍କର ସାରା ବିଶ୍ୱରେ ପରିଚିତି ରହିଥିଲା । ସ୍ୱାଧୀନତା ପରେ ଗଣତାନ୍ତ୍ରିକ ଭାରତବର୍ଷକୁ ଦୃଢ଼ ଶକ୍ତିଶାଳୀ କରି ଗଢ଼ିବା ଦିଗରେ ସାମ୍ବାଦିକମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ସାମ୍ବାଦିକମାନେ ସେହି ଭୂମିକାକୁ ଯଥାର୍ଥ ଭାବରେ ତୁଲାଇଲେ ହିଁ ଗଣମାଧ୍ୟମର ଲକ୍ଷ୍ୟ ସାଧନ ହେବା ସହିତ କିଭଳି ଭାବରେ ଏହାର ଗାରିମା ଅକ୍ଷୁର୍ଣ୍ଣ ରହିବ ସେ ସମ୍ପର୍କରେ ଆପଣ ସିଦ୍ଧାନ୍ତ ଗ୍ରହଣ କରିବେ ବୋଲି ବିଶ୍ୱାସ ଅଛି । ପୁରାଣ ଯୁଗର କଥାକୁ ସୂଚାଇ ଦେବାକୁ ଚାହୁଁଚି । ସାମ୍ବାଦିକମାନଙ୍କୁ ପୁରାଣ ଯୁଗରେ ମହର୍ଷି ଦେବର୍ଷି ନାରଦ ରୂପରେ ଅବତୀର୍ଣ୍ଣ କରାଯାଇଥିଲା ଏବଂ ଦେବତାମାନଙ୍କ ପାଇଁ ଦେବର୍ଷି ନାରଦ ମଧ୍ୟ ଶୁଭ ଉପଦେଷ୍ଟା ଭାବରେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ, ଦେବତାମାନେ ମଧ୍ୟ ଦେବର୍ଷିଙ୍କ ଉପଦେଶକୁ ସଦା-ସର୍ବଦା ପାଳନ କରୁଥିଲେ । ସେତେବେଳେ ସାମ୍ବାଦିକମାନଙ୍କର କୌଣସି ସଂଗୀନ ସମସ୍ୟା ନଥିଲା ।

କିନ୍ତୁ, ଆଜିର ଯୁଗରେ ସାରା ବିଶ୍ୱ ଏବଂ ଭାରତବର୍ଷ ଏକ ଗଣମାଧ୍ୟମର ଯୁଗ ଭାବରେ ପରିଗଣିତ ହେଉଛି । ଯାହାକି, ଆପଣ ଏହି ମାଧ୍ୟମରେ ଆଜି ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଆପଣଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପଛରେ ପ୍ରମୁଖ ଭୂମିକା କେବଳ ଗଣମାଧ୍ୟମ ହିଁ ନିର୍ବାହ କରିଥିଲା । ଗଣମାଧ୍ୟମ ହିଁ ଜନସାଧାରଣଙ୍କୁ ପ୍ରଭାବିତ କରି ୫୦ ଭାଗ ଭୋଟ୍ ସଂଗୃହିତ କରିଥିଲା । ଆହୁରି ମଧ୍ୟ, ଆପଣ ଭଲ ଭାବରେ ଜାଣିଛନ୍ତି ଯେ, ଗଣମାଧ୍ୟମ ଚାହିଁଲେ ଗୋଟିଏ ସରକାରକୁ ଭାଙ୍ଗିଦେଇପାରେ, ଗଢ଼ିଦେଇପାରେ ଏବଂ ବଦଳାଇ ଦେଇପାରେ । ଏହାକୁ ମଧ୍ୟ ଆନ୍ତରିକତାର ସହିତ ହୃଦୟଙ୍ଗମ କରି ଭାରତରତ୍ନ ଅଟଳବିହାରୀ ବାଜପେୟୀ ଥରେ ପୁରୀ ସମ୍ମିଳନୀରେ ପ୍ରକାଶ କରିଥିଲେ । ତାହା ମଧ୍ୟ ଆପଣଙ୍କ ପାଖରେ ପରିଲକ୍ଷିତ ହୋଇଛି । ତେଣୁ ଆଜିର ଯୁଗରେ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ଆପଣ ଉଦାସୀନ କାହିଁକି ବୋଲି "ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ" ପକ୍ଷରୁ ଆମ୍ଭର ପ୍ରଶ୍ନ ?

ଏବେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସାମ୍ବାଦିକମାନଙ୍କର ଚିହ୍ନଟ ପ୍ରକ୍ରିୟା ତାଲିକା ତ୍ୱରାନ୍ୱିତ ହୋଇନଥିବା ବେଳେ ସ୍ୱାସ୍ଥ୍ୟ ବୀମା ଯୋଜନା ଦୁଇଲକ୍ଷ ଟଙ୍କା ଘୋଷଣା କରି ସାମ୍ବାଦିକମାନଙ୍କୁ ଉପହାସ କରିଛନ୍ତି । ରାଜ୍ୟର ସମସ୍ତ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ଚିହ୍ନଟ ତାଲିକା ପ୍ରସ୍ତୁତ ହୋଇନାହିଁ । ତରବରିଆ ଭାବରେ ସ୍ୱାସ୍ଥ୍ୟବୀମା ଯୋଜନା ୨ ଲକ୍ଷ ଟଙ୍କା ଘୋଷଣା କରିବା ଯଥାର୍ଥ ଦାବି ନୁହେଁ, ତାହାକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଦୃଢ଼ ଦାବି କରୁଅଛୁ । ସାଧାରଣ ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ସାତଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଘୋଷଣା କରିଥିବାବେଳେ, କେଉଁ ବିଚାରଧାରାରେ ସାମ୍ବାଦିକମାନଙ୍କୁ ଅପମାନିତ କରାଯାଇଛି, ସେଥିନେଇ ଆମ୍ଭେ ମର୍ମାହତ । ସାମ୍ବାଦିକମାନଙ୍କୁ ଅବସର ପରେ ଟଙ୍କାଟିଏ କେହି ଦିଅନ୍ତି ନାହିଁ । ସମାଜସେବା କ୍ଷେତ୍ରରେ ମର୍ଯ୍ୟାଦାସମ୍ପନ୍ନ ଦୃଷ୍ଟିରୁ ଦରମା ମଧ୍ୟ ପାଆନ୍ତି ନାହିଁ । ଯାହା ବିଶ୍ୱରେ କୌଣସି ଦେଶରେ ଏଭଳି ଉଦାସୀନତା ଦେଖାଯାଏ ନାହିଁ । ତେଣୁ ସାମ୍ବାଦିକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ "ଭାରତୀୟ ସାମ୍ବାଦିକ ସୁରକ୍ଷା ଆଇନ୍" ଗଠନ କରିବା ପାଇଁ ନୂତନ ଭାବେ ପଦକ୍ଷେପ ଗ୍ରହଣ କରି ଅବସର ପରେ ମାସକୁ ୨୫ ହଜାର ଟଙ୍କା ପେନ୍‌ସନ୍, ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହରଣ ବ୍ୟବସ୍ଥା କରିବା ସହିତ ସେଥିମଧ୍ୟରୁ ୨୦ ଭାଗ ଗୃହରଣ ଛାଡ଼ କରିବା ପାଇଁ ଅନୁରୋଧ କରୁଅଛୁ । ସାମ୍ବାଦିକ ପେନ୍‌ସନ୍ କାର୍ଡ଼ ପ୍ରଦାନ, ସାମ୍ବାଦିକ ସଂଘ ମାଧ୍ୟମରେ କେନ୍ଦ୍ର ସରକାର କମିଟି ଗଠନ କରି ଚିହ୍ନଟ ତାଲିକା ଚୂଡ଼ାନ୍ତ କରାଯାଉ । ଟ୍ରେନ୍‌ରେ ୫୦ ଭାଗ ରିହାତି ଦେବା ଆଦି ମୌଳିକ ଦାବିଗୁଡ଼ିକୁ ସହୃଦୟତାର ସହିତ ହୃଦୟଙ୍ଗମ କରି ଉପଯୁକ୍ତ ତଥା ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଷ୍ପତ୍ତି ନେବାପାଇଁ ପୁଣିଥରେ ଆପଣଙ୍କ ପାଖରେ ବିନମ୍ର ଅନୁରୋଧ କରୁଅଛୁ । ଇତି । ଆପଣଙ୍କୁ ଆନ୍ତରିକ ପ୍ରଣାମ ସହ...

**-ପ୍ରଦୀପ ସେନାପତି, ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟସ୍ତରର ସାମ୍ବାଦିକ, ଇଣ୍ଡିଆନ୍ ନିୟୁଜ ସାଇଟ୍, ଆନ୍ତର୍ଜାତୀୟ ସ୍ତମ୍ଭକାର, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ଜିଲ୍ଲା-ଖୋର୍ଦ୍ଧା, ମୋ-୭୮୪୮୮୯୮୪୫୬**

## ଯୁବ ଆଇନଜୀବୀ ସୁନୀଲ ସାହୁଙ୍କ ଏକାଦଶାହ ଉପଲକ୍ଷେ ରକ୍ତଦାନ ଶିବିର



ଦର୍ପଣ (ପିଏନ)-ଚଣ୍ଡିଖୋଲ ନିକଟସ୍ଥ ଗୋପାଳପୁର ଗ୍ରାମର ଯୁବ ଆଇନଜୀବୀ ସୁନୀଲ କୁମାର ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଗୋପାଳପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଗୋପାଳପୁର ଗ୍ରାମର ତରୁଣ ଡ୍ରାମାଟିକ କ୍ଲବ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଚଣ୍ଡିଖୋଲ ଜାଭିୟର ଇଂରାଜୀ ବିଦ୍ୟାଳୟର ଚକ୍ରଧର ପାଣି ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ଜଗନ୍ନାଥ ସାମନ୍ତରାୟ ସମ୍ମାନିତ ଅତିଥି, ପ୍ରଧାନଶିକ୍ଷକ ପ୍ରମୋଦ ମହାପାତ୍ର ଓ ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ସମୁଦାୟ ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କଟକ ବଡ ମେଡିକାଲର ରକ୍ତଭଣ୍ଡାରର ଡାକ୍ତର ମିସ ମଞ୍ଜୁ ଜୈନଙ୍କ ସହ ରାମଚନ୍ଦ୍ର ଖଟୁଆ, ଲୀଳାବତୀ ଜେନା, ବିଷ୍ଣୁ ପ୍ରସାଦ ଘୋଷ, ଚିନ୍ମୟରଞ୍ଜନ ସାହୁ, କାଳନ୍ଦୀ ସେଠୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରକୁ ଉଦୀୟମାନ ଯୁବ ଗୋଷ୍ଠୀ ଓ ତରୁଣ ଡ୍ରାମାଟ୍ରିକ କ୍ଲବର କର୍ମଚାରୀ ମାନେ ପରିଚାଳନା କରିଥିଲେ ।

# କଳିଙ୍ଗ ବାଲିଯାତ୍ରାର ସପ୍ତମ ଦିନରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଆୟୋଜିତ

ପାରାଦୀପ (ପିଏନ୍)- ପାରାଦୀପ ବେଳାଭୂମିରେ ୮ଦିନ ଧରି ସଫଳତାର ସହ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ସପ୍ତମ ଦିବସରେ ବାଲିଯାତ୍ରା କମିଟି ତରଫରୁ ଏକ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ସ୍ଥାନୀୟ ପାରାଦୀପ ବନ୍ଦର ଅଫସର୍ସ କ୍ଲବ ପରିସରରେ ରବିବାର ସକାଳ ୧୦ଟା ସମୟରେ ଆୟୋଜିତ ହୋଇଯାଇଛି ।

କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଡଃ. କାହ୍ନୁ ଚରଣ ଧିରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପାରାଦୀପ ବନ୍ଦର ଅବସରପ୍ରାପ୍ତ ଅଧିକାରୀ ତଥା କବି ପ୍ରଭାତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାମଧନ୍ୟ ଔପନ୍ୟାସିକ ଭାଗିରଥି ଦାସ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, କବି ଡ. ତନ୍ମୟ ପଣ୍ଡା, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଭାରତ ମାଝୀ, ସବିତା ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କଳିଙ୍ଗ ଐତିହ୍ୟ, ପରମ୍ପରା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ କଳିଙ୍ଗ ନୌବାଣିଜ୍ୟ ଓ ବାଲିଯାତ୍ରା ଉପରେ ଆଧାରିତ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୭୫ ରୁ ଉର୍ଦ୍ଧ୍ୱ ସୁନାମଧନ୍ୟ କବି ଓ କବୟତ୍ରୀ ଯୋଗ ଦେଇ କବିତା ଆବୃତି କରିଥିଲେ ।

ଏହି ସମସ୍ତ କାର୍ଯ୍ୟକ୍ରମକୁ ଡା. ଦେବଦତ ସାମନ୍ତରାୟ ଓ ସୁଶ୍ରୀ ମମତା କର ସଂଯୋଜନା କରିଥିବା ବେଳେ କବୟତ୍ରୀ ତୁଳସୀ ବରାଳ ଓ ରଶ୍ମିରେଖା ବେହେରା କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ । ଶେଷରେ କବି ନଗେନ୍ଦ୍ରନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଏପରି ଏକ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ସଫଳ ଆୟୋଜନ କରିଥିବାରୁ ସମସ୍ତ ଅତିଥି ଓ କବି ମାନେ କଳିଙ୍ଗ ବାଲିଯାତ୍ରା କମିଟି ଓ ଏହାର ଉପାଧ୍ୟକ୍ଷ ଡଃ. ଧୀରଙ୍କୁ ସାଧୁବାଦ ଜଣାଇବା ସହ ଉଚ୍ଚ ପ୍ରାଶଂସା କରିଥିଲେ ।

ଅନ୍ୟ ପକ୍ଷରେ ଏହି ବାଲିଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ରବିବାର ଛୁଟି କାରଣରୁ ଅନ୍ୟ ଦିନ ଅପେକ୍ଷା ବାଲିଯାତ୍ରା ପଡିଆ ଓ ବନ୍ଦର ସହରର ସମସ୍ତ ରାସ୍ତା ବିଳମ୍ବିତ ରାତି ପର୍ଯ୍ୟଂ ଲୋକାରଣ୍ୟ ହୋଇ ଜାମ ହୋଇ ପଡିଥିବା ଦେଖିବାକୁ ମିଳିଥିଲା । ତେବେ ଦୀର୍ଘ ବର୍ଷ ହେବ କରୋନା ମହାମାରୀ ଯୋଗୁଁ ଘରେ ବନ୍ଦି ପରି ଅବସ୍ଥାରେ ଥିବା ଜନସାଧାରଣ କୋଭିଡ କଟକଣା ହଟିବା ପରେ ଚଳିତ କଳିଙ୍ଗ ବାଲିଯାତ୍ରା ମହୋତ୍ସବକୁ ମନଭରି ଉପଭୋଗ କରୁଥିବାର ଦେଖିବାକୁ ମିଳିଛି ।

ପାରାଦୀପ ସଂଲଗ୍ନ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରୁ ବହୁ ଲୋକ ନିଜ ପରିବାର ସହ ଗାଡିରେ ଭର୍ତି ହୋଇ ବାଲିଯାତ୍ରାରେ ବିଭିନ୍ନ ଷ୍ଟଲରେ ଘରକରଣା ଜିନିଷ କିଣିବା ସହ ସୁସ୍ୱାଦୁ ଖାଦ୍ୟର ମଜା ଉଠାଉଛନ୍ତି । ସେହିପରି ବିଭିନ୍ନ କିସମର ଦୋଳି, ପଲ୍ଲିଶ୍ରୀ ମେଳା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭରପୁର ଉପଭୋଗ କରୁଥିବା ଦେଖାଯାଉଛି । ସୋମବାର ଏହି ମହୋତ୍ସବର ଅନ୍ତିମ ଦିବସରେ ଆହୁରି ଅଧିକ ଜନସମାଗମ ହୋଇଥିଲା ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସମୟ, ଅନୁଭବ ଓ ଆତ୍ମସମୀକ୍ଷା ହିଁ ସ୍ରଷ୍ଟାର ମୂଳ ଉତ୍ସ ହେଉ

ଘଟଗାଁ,(ପି.ଏନ): ମାନବ ସମାଜକୁ ଏକ ନୂତନ ଦିଗଦର୍ଶନ ଦେବାକୁ ହେଲେ ସମୟକୁ ଉପଲବ୍ଧି କରି ଗୁରୁତ୍ୱ ଦେବା, ସମ୍ପ୍ରତି ସମାଜର ଦୃଶ୍ୟପଟ୍ଟକୁ ଅନୁଭବ କରିବା ସହିତ ଆତ୍ମସମୀକ୍ଷା କରିବା ନିତ୍ୟାନ୍ତ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗତକାଲି ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠା, କେନ୍ଦୁଝର ତରଫରୁ ରାଧାକୃଷ୍ଣ ବିଦ୍ୟାପୀଠ କୁଣ୍ଡାପିଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୁବ ସମାବେଶରେ ସଭାପତି ଉପେନ୍ଦ୍ର ଦାଶଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ କଟରାବେଡା ସୀତା ଠାକୁରାଣୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ ଘଟଗାଁ ବନ୍ୟାଞ୍ଚଳ ବିଭାଗର କର୍ମଚାରୀ ତଥା ଯୁବ କବି ଦିପକ କୁମାର ସ୍ୱାଇଁ, ବିଶେଷ ଅତିଥି ଭାବେ ବରିଷ୍ଠ ସାହିତ୍ୟିକା ଡ଼ କଳ୍ପନା ମହାନ୍ତି ,ସମ୍ମାନିତ ଅତିଥି ଭାବେ ଭଦ୍ରକରୁ ବିଶିଷ୍ଟ ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ବରଗଡ ଜିଲ୍ଲାରୁ ମହେନ୍ଦ୍ର ସେଠ, ଭଣ୍ଡା ରୁ ସମାଜସେବୀ ଡମ୍ବରୁଧର ମହାନ୍ତ, କଳାହାଣ୍ଡି ଜିଲ୍ଲାରୁ ଯୁବ କବି ତପନ କୁମାର ଦାଶ, ଯାଜପୁର ଜିଲ୍ଲାର ମଧୁସୂଦନ ମହାପାତ୍ର, ଢେଙ୍କିକୋଟ ରୁ ଯୁବ ସାମ୍ବାଦିକ, କବି ତଥା ସମାଜସେବୀ ସଞ୍ଜୟ କୁମାର ସା ?ହୁ ଆଦି ପ୍ରମୁଖ ଅତିଥିମାନେ ଯୋଗ ଦେଇ ଏହି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ କରି ଅତିଥି ମାନଙ୍କ ଦ୍ୱାରା ଯୁବ ସମାବେଶ କୁ ଉଦଘାଟିତ କରିଥିଲେ।ପରେ ପରେ ବରଗଡ଼ ଜିଲ୍ଲାର ଯୁବକବି ଅଲେଖ ମେହେର ନିଜସ୍ୱ ରଚିତ ସଂଯୋଗୀ ସଜଫୁଲ ର ଗୀତିକା ଗାନ, ରାଧାକୃଷ୍ଣ ବିଦ୍ୟାପୀଠ କୁଣ୍ଡାପିଠାର ଛାତ୍ରୀ ଝରଣା ମହାନ୍ତ,ମାନସୀ ମହାନ୍ତ, ପ୍ରୀତି ନାଏକ,ରିତାରାଣୀ ନାଏକ ଓ ଗୌରୀ ନାଏକ ଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ, ସଂପାଦକ ବାବୁଲାଲ ପଲେଇ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସଂଯୋଗୀ ସଜଫୁଲ କୁ ଲୋକାର୍ପଣ କରାଯିବା ସହିତ ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଥିବା ପ୍ରତିଭା ଅନ୍ୱେଷଣ, ଏକପଦୀ କବିତା ପ୍ରତିଯୋଗିତା ର ବିଜେତା ପୁରୀ ଜିଲ୍ଲାର ନିବେଦିତା ମହାପାତ୍ର, କେନ୍ଦ୍ରାପଡ଼ା ରୁ ପ୍ରିତିରଞ୍ଜନ ନାୟକ, ଅନୁଗୋଳ ରୁ ସୁବ୍ରତ କୁମାର ପ୍ରଧାନ, ବରଗଡ଼ ରୁ ମହେନ୍ଦ୍ର ସେଠ,ପିଙ୍କୁ ରଣବିଡା,ଶିବ ପ୍ରସାଦ ହାତୀ, ପ୍ରହଲ୍ଲାଦ ମେହେର, ବାଲେଶ୍ୱର ରୁ ମାନସ କୁମାର ପାତ୍ର, ସୁନ୍ଦରଗଡ଼ ରୁ ଘନଶ୍ୟାମ ପଲେଇ କେନ୍ଦୁଝର ରୁ ଶରତ ଚନ୍ଦ୍ର ମହାନ୍ତ ଓ ନେତ୍ରାନନ୍ଦ ମହାରଣା ଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ପ୍ରଦାନ କରି ସଂବର୍ଦ୍ଧିତ କରାଯାଇଥିଲା। ଆନୁଷ୍ଠାନିକ ଭାବେ ସଂଯୋଗୀ ଗୌରବ ସମ୍ମାନ କଟକ ରୁ ସରୋଜ କୁମାର ସେନାପତି, ସଂଯୋଗୀ ସୌରଭ ସମ୍ମାନ ଯାଜପୁର ଜିଲ୍ଲାର ଅଙ୍କିତ କୁମାର ସ୍ୱାଇଁ, ସଂଯୋଗୀ ସୃଜନୀ ସମ୍ମାନ ଡମ୍ବରୁଧର ଦାଶ, ସଂଯୋଗୀ ସଜଫୁଲ ପ୍ରତିଭା ସମ୍ମାନ କେନ୍ଦ୍ରାପଡ଼ା ର ଚାରୁଲତା ଭୂୟାଁ, ପଞ୍ଚାନନ ପଲେଇ ସ୍ମୃତି ସମ୍ମାନ ପାଇଁ ସାମ୍ବାଦିକ ତ୍ରିନାଥ ମହାନ୍ତ, ଅପର୍ତ୍ତି ପଲେଇ ସ୍ମୃତି ସମ୍ମାନ ଢେଙ୍କାନାଳ ଜିଲ୍ଲାର ନିରଞ୍ଜନ ସାହୁ, ଜଗନ୍ନାଥ ଦାଶ ସ୍ମୃତି ସମ୍ମାନ ଯାଜପୁର ଜିଲ୍ଲାର ଗୋକୁଳ ବିହାରୀ ପୃଷ୍ଟି ,ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ ସ୍ମୃତି ସମ୍ମାନ ଦିପକ କୁମାର ସ୍ୱାଇଁ, ଭୀମସେନ ରାଉତ ସ୍ମୃତି ସମ୍ମାନ ଭଦ୍ରକ ଜିଲ୍ଲାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ମା ତାରିଣୀ ସମ୍ମାନ ବଲାଙ୍ଗୀର ଜିଲ୍ଲାର ଯୁବକବି ହୃର୍ଷିକେଶ ଦାଶ, ବିପିନ୍ ବିହାରୀ ଦାଶ ସ୍ମୃତି ସମ୍ମାନ ପାଇଁ ଭଣ୍ଡାର ଡମ୍ବରୁଧର ମହାନ୍ତ, ଏବଂ ଅନୁଷ୍ଠାନ ର ଶ୍ରେଷ୍ଠ ସମ୍ମାନ ସଂଯୋଗୀ ସାହିତ୍ୟ ସମ୍ମାନ ପାଇଁ କେନ୍ଦୁଝର ଜିଲ୍ଲାର ବରିଷ୍ଠ କବି ମଙ୍ଗୁଳି ଚରଣ ପୃଷ୍ଟି ଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ପ୍ରଦାନ କରାଯିବା ସହ ସମ୍ମାନିତ କରାଯାଇଥିଲା।କବୀ ସନ୍ତୋଷିନୀ ଗିରି ଙ୍କ ସଂଯୋଜନାରେ ଯୁବଶକ୍ତି ବିଷୟ ଉପରେ ବହୁ କବି ଓ କବୀ କବିତା ପାଠ କରିଥିଲେ।ସଭାଟିକୁ କେନ୍ଦୁଝର ଜିଲ୍ଲାର ବରିଷ୍ଠ କବି ଚିନ୍ତାମଣି ମହାଳିକ ପରିଚାଳନା କରିବା ସହିତ ତାଙ୍କୁ ସହଯୋଗ କରିଥିଲେ ବଲାଙ୍ଗୀର ଜିଲ୍ଲାର ଯୁବକବି, ନାଟ୍ୟକାର ହୃଷୀକେଶ ଦାଶ। ଅନୁଷ୍ଠାନ ର ବରିଷ୍ଠ କବି ସନ୍ତୋଷ କୁମାର ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଘଟଗାଁ ବସଷ୍ଟାଣ୍ଡ ରେ ଅତିଥି ମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ଜଣାଇଥିଲେ ଅଧ୍ୟାପକ ସରୋଜ କୁମାର ସେନାପତି।

## ସମୟ ପୂର୍ବରୁ ବିଦ୍ୟାଳୟ ଛାଡିବା ପଡିଲା ମହଙ୍ଗା: ଚାରି ଶିକ୍ଷକ ଶିକ୍ଷୟିତ୍ରୀ ନିଲମ୍ବିତ

କନ୍ଧମାଳ,(ପି.ଏନ): ନିର୍ଦ୍ଧାରିତ ସମୟ ପୁର୍ବରୁ ବିଦ୍ୟାଳୟ ଛାଡୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିୟନ୍ତ୍ରଣକୁ ଆଣିବାକୁ କନ୍ଧମାଳ ଜିଲ୍ଲାପାଳ,ଆଶିଷ ଈଶ୍ୱର ପାଟିଲ ଏକ ସ୍ୱତନ୍ତ୍ର ଟିମଗଠନ କରି ,ଫୁଲବାଣୀର ଆଖପାଖ ଅଂଚଳରେ ଥିବା ବିଦ୍ୟାଳୟ ଗୁଡିକର ଶିକ୍ଷକଶିକ୍ଷୟିତ୍ରୀ ମାନେ,ସଠିକ ସମୟରେ ବିଦ୍ୟାଳୟରୁ ଫେରୁଛନ୍ତି କି ନାହିଁ ଏହାକୁ ନିରିକ୍ଷଣ କରିବାକୁ ତିନିଟି ଟିମ ଗଠନ କରି,ଠିକ ୪ଟା ବେଳେ ଫୁଲବାଣୀ ସହରର ପ୍ରବେଶ ପଥ,ସାର୍ତାଗୁଡା,ଠାରେ ଫୁଲବାଣୀ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ ଏବଂ ଫୁଲବାଣୀ ଗୋଷ୍ଠୀଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁରଙ୍କୁ ଯାଂଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି କନ୍ଧମାଳ ଉପଜିଲ୍ଲାପାଳ,ଶେଷଦେବ ମିଶ୍ରଙ୍କ ନେତୃତ୍ୱରେ, ଫୁଲବାଣୀ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୁଲ୍ୟ କୁମାର ଜେନାଙ୍କୁ ତିଳକପଡାଠାରେ ଯାଂଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ପୋସୋକୋ ହେଲା ଗ୍ରୀଡ୍ କଂଟ୍ରୋଲର ଅଫ୍ ଇଣ୍ଡିଆ ଲିମିଟେଡ୍

ନୂଆଦିଲ୍ଲୀ, (ପି.ଏନ): ଭାରତର ରାଷ୍ଟ୍ରୀୟ ଗ୍ରୀଡ୍ ଅପରେଟର 'ପାୱାର ସିଷ୍ଟମ୍ ଅପରେସନ କର୍ପୋରେସନ ଲିମିଟେଡ୍ (ପୋସୋକୋ)' ର ନାମକୁ ପରିବର୍ତନ କରାଯାଇ 'ଗ୍ରୀଡ୍ କଂଟ୍ରୋଲର ଅଫ୍ ଇଣ୍ଡିଆ ଲିମିଟେଡ୍' କରାଯାଇଛି । ଭାରତୀୟ ବିଦ୍ୟୁତ୍ ଗ୍ରୀଡ ର ଅଖଣ୍ଡତା, ନିର୍ଭରଯୋଗ୍ୟତା, ମିତବ୍ୟୟିତା, ନମନୀୟତା ଏବଂ ପରିପୋଷଣୀୟ କାର୍ଯ୍ୟକଳାପକୁ ସୁନିଶ୍ଚିତ କରିବା ନିମନ୍ତେ ଗ୍ରୀଡ୍ ପରିଚାଳକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରିବା ଉଦ୍ଦେଶ୍ୟରେ ନାମରେ ପରିବର୍ତନ କରାଯାଇଛି ।'ଗ୍ରୀଡ୍ କଂଟ୍ରୋଲର ଅଫ୍ ଇଣ୍ଡିଆ ଲିମିଟେଡ୍' ନାମ ପରିବର୍ତ୍ତନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଯେହେତୁ ଏହା ଲୋକ ମାନଙ୍କୁ ସେମାନେ ବ୍ୟବହାର କରୁଥିବା ଶକ୍ତି ସହିତ ଯୋଡୁଥିବା ଭାରତର ଶକ୍ତି ବ୍ୟବସ୍ଥାର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି । ଏହା ସାରା ଦେଶରେ ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ସ୍ତର ଗୁଡ଼ିକରେ ଗ୍ରୀଡ୍ ପରିଚାଳକ ମାନଙ୍କ ଦ୍ୱାରା ସମ୍ପାଦନ କରା ଯାଉଥିବା କାର୍ଯ୍ୟ ଗୁଡ଼ିକୁ ବର୍ଣ୍ଣନା କରିଥାଏ,' ବୋଲି କହିଛନ୍ତି ଗ୍ରୀଡ୍ କଣ୍ଟ୍ରୋଲର ଅଫ୍ ଇଣ୍ଡିଆ ଲିମିଟେଡ୍ର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଏସ୍. ଆର୍. ନରସିହ୍ମନ୍ । 'ନାମରେ ପରିବର୍ତ୍ତନ ମଧ ସ୍ୱଚ୍ଛ ଶକ୍ତି ପରିବହନରେ ଆମେ ଯେଉଁ ଭୂମିକା ନିର୍ବାହ କରିଥାଉ ତାକୁ ପ୍ରତିଫଳିତ କରିବା ନିମନ୍ତେ କରାଯାଇଛି ।' ସେ ଆହୁରି ମଧ କହିଥିଲେ ଯେ , ଏକ ନବୀକୃତ ଶକ୍ତି ସହିତ ଆମେ ଆମର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେବା ଚାଲୁ ରଖିଥିଲୁ, ଅର୍ଥାତ୍, 'ମିତବ୍ୟୟିତା ଏବଂ ପରିପୋଷଣୀୟତାକୁ ପ୍ରୋତ୍ସାହିତ କରି ଦକ୍ଷ ବିଦ୍ୟୁତ୍ ଶକ୍ତି ବଜାରଗୁଡ଼ିକୁ ଆଗେଇ ନେଇ ନିର୍ଭରଯୋଗ୍ୟ ଏବଂ ନମନୀୟ ଶକ୍ତି ବ୍ୟବସ୍ଥାର ଉତ୍କୃଷ୍ଟ ବୈଶ୍ୱିକ ଅନୁଷ୍ଠାନରେ ପରିଣତ ହେବା ପାଇଁ' ଆମର ଲକ୍ଷ୍ୟ ବହନ କରୁଥିଲୁ ।'ଗ୍ରୀଡ୍ କଣ୍ଟ୍ରୋଲର ଅଫ୍ ଇଣ୍ଡିଆ ଲିମିଟେଡ୍ (ଗ୍ରୀଡ୍-ଇଣ୍ଡିଆ)' ନ୍ୟାସନାଲ ଲୋଡ୍ ଡେସପ୍ୟାଚ୍ ସେଣ୍ଟର (ଏନଏଲଡିସି) ଏବଂ ପାଞ୍ଚ ଗୋଟି (୫) ଆଞ୍ଚଳିକ ଲୋଡ୍ ଡେସପ୍ୟାଚ୍ ସେଣ୍ଟର (ଆରଏଲଡିସି) ଗୁଡ଼ିକୁ ପରିଚାଳିତ କରିଥାଏ । ଗ୍ରୀଡ୍-ଇଣ୍ଡିଆ ମଧ ଶକ୍ତି କ୍ଷେତ୍ରରେ ସବୁଜ ଶକ୍ତି ମୁକ୍ତ ଉପଲବ୍ଧତା ପୋର୍ଟାଲ (ଗ୍ରୀନ୍ ଏନର୍ଜି ଓପନ ଆକସେସ୍ ପୋର୍ଟାଲ), ପୁନର୍ନବୀକରଣୀୟ ଶକ୍ତି ପ୍ରମାଣ ପତ୍ର (ଆରଇସି) ବ୍ୟବସ୍ଥା, ପାରଗମନ ମୂଲ୍ୟ ସ୍ଥିରୀକରଣ, ପରିବହନରେ ସ୍ୱଳ୍ପ କାଳୀନ ମୁକ୍ତ ଉପଲବ୍ଧତା, ବିଚ୍ୟୁତି ବନ୍ଦୋବସ୍ତ ବ୍ୟବସ୍ଥା (ଡେଭିଏସନ ସେଟଲମେଣ୍ଟ ମେକାନିଜମ୍), ଶକ୍ତି ବ୍ୟବସ୍ଥା ବିକାଶ ପାଣ୍ଠି (ପିଏସଡିଏଫ୍), ଇତ୍ୟାଦି ଭଳି ପ୍ରମୁଖ ସଂସ୍କାର ଗୁଡ଼ିକ ପାଇଁ ଅଧିକାର ପ୍ରାପ୍ତ ଶୀର୍ଷ ସ୍ତରୀୟ ଏଜେନ୍ସି ।

# ଶିଶୁ ଦିବସରେ ରାଷ୍ଟ୍ରପତିଙ୍କୁ ଭେଟିଲେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, (ପି.ଏନ): ସୋମବାର ସକାଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତି ଭବନ କଲଚରାଲ୍ ସେଣ୍ଟର (ଆରବସିସି) ରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ।ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ପିଲାଦିନ ହେଉଛି ଜୀବନର ସବୁଠାରୁ ସୁନ୍ଦର ପର୍ଯ୍ୟାୟ। ଏହା ସେମାନଙ୍କ ମନରେ ନୂତନ ଉତ୍ସାହ ଓ ଆଗ୍ରହ ଭରିଥାଏ। ଆଜି ଆମେ ପିଲାମାନଙ୍କର ଏହି ସରଳ ମନୋଭାବକୁ ପାଳନ କରୁଛୁ।ରାଷ୍ଟ୍ରପତି କହିଛନ୍ତି ଯେ ପ୍ରତ୍ୟେକ ନୂତନ ପୀଢ଼ି ନୂତନ ସମ୍ଭାବନା ଏବଂ ନୂତନ ସ୍ୱପ୍ନ ଆଣିଥାଏ। ବୈଷୟିକ ଏବଂ ସୂଚନା ବିପ୍ଳବର ଏହା ଏକ ନୂତନ ଯୁଗ। ପିଲାମାନେ ବର୍ତ୍ତମାନ ବିଭିନ୍ନ ଘରୋଇ, ସାମାଜିକ ଏବଂ ପରିବେଶ ସମସ୍ୟା ବିଷୟରେ ଅବଗତ ଅଛନ୍ତି। ଟେକ୍ନୋଲୋଜିର ଆଗମନ ସହିତ ଜ୍ଞାନ ଏବଂ ସୂଚନା ବର୍ତ୍ତମାନ ସେମାନଙ୍କ ଆଙ୍ଗୁଳି ଟିପରେ ରହିଛି। ତେଣୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସେମାନଙ୍କୁ ସଠିକ୍ ମୂଲ୍ୟବୋଧ ଶିଖାଇବା ଏବଂ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକଳାପ ଏବଂ ଆଲୋଚନାରେ ଜଡିତ କରିବା ପାଇଁ ଅଧିକ ପ୍ରୟାସ କରିବା।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)– ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

## ପିଆଜ ଦର କମୁନି– ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାର୍ଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)– ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ -୨୦୨୦ ପାଇଥିବା ଜଣାପଡିଛି। ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି। ଗ୍ରାମା ଲରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି। ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୂବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ




କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ□ାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ□ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ□ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ□ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ□ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ□ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅ□ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

